# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.22 . No.211, Bhubaneswar Monday, September 30, 2019 | ୨୨ତମ ବର୍ଷ ସଂଖ୍ୟା–୨୧୧ ଭୁବନେଶ୍ୱର ସୋମବାର, ସେପ୍ଟେମ୍ବର ୩୦, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹.50 (Air Surcharge - 0.50P) Member-INS


## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାତ୍ମକ ଆକ୍ରମଣ

ଜଟଣୀ, (ପିଏନ)- ଖୋର୍ଦ୍ଧା ଜିଲ୍ଲା ଜଟଣୀ ନିକଟସ୍ଥ ପ୍ରଧାନସାହି ପାଂଚ ଗାଁ ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାତ୍ମକ ଆକ୍ରମଣ କରାଯାଇଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତି କରାଯାଇଛି । ଏନେଇ ଏୟାର ଫିଲ୍ଡ ଥାନାରେ ଅଭିଯୋଗ ହୋଇଛି । ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣାରେ ପୁଲିସ କାହାରିକୁ ଗିରଫ କରି ନଥିବା ଜଣାପଡିଛି ।

ସୂଚନାନୁସାରେ, ଜଟଣୀ ବ୍ଲକ ଅଧିନସ୍ଥ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପ୍ରଧାନସାହି, ପାଂଚ ଗାଁ ରେ ଶନିବାର ରାତିରେ ଏହି ଗ୍ରାମର ମୁକ୍ତରାଜ ଗୁରୁ (୨୪)ଙ୍କୁ କେତେ ଜଣ ଦୁର୍ବୃତ ଖଣ୍ଡା, ଭୁଜାଲି ଆଦି ମାରଣାସ୍ତ୍ର ସାହାଯ୍ୟରେ ଗୋଡାଇ ଗୋଡାଇ ହାଣିଥିଲେ । ଫଳରେ ମୁକ୍ତରାଜଙ୍କ ପିଠିରେ ଗଭୀର ଚୋଟ ଲାଗିବା ସହିତ ବାମ ହାତର ପାପୁଲି ଠାରୁ ଛିଣ୍ଡି ଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ସ୍ଥାନିୟ ଲୋକଙ୍କ ସହାୟତାରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତି କରାଯାଇଛି । ଏ ନେଇ ଏୟାରଫିଲ୍ଡ ଥାନାରେ ଲିଖିତ ଅଭିଯୋଗ ଦାୟର୍ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ପୁଲିସ ମାମଲାରେ କାହାରିକୁ ଗିରଫ କରିନାହିଁ ।

ଅନ୍ୟପକ୍ଷରେ ହିଂସାକାଣ୍ଡକୁ ନେଇ ଗ୍ରାମରେ ଚାପା ଉତେଜନା ଦେଖାଦେଇଛି । ପୂର୍ବ ଶତ୍ରୁତାରୁ କେନ୍ଦ୍ର କରି ଘଟଣା ଘଟିଥିବା ଅନୁମାନ କରାଯାଉଛି ।

## ହୀରାକୁଦ ଜଳଭଣ୍ଡାରରେ ୧୫ ଗେଟ୍ ଖୋଲା

ଭୁବନେଶ୍ୱର, (ପିଏନ)- ଆଜି ହୀରାକୁଦ ଜଳ ଭଣ୍ଡାରର ୧୬ ଟି ଗେଟ୍ ଖୋଲା ଯାଇଛି । ଏହି ଗେଟ ଦେଇ ଭଳ ଭଣ୍ଡାରରୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୫୦ ହଜାର ୬୭୭ ଘନଫୁଟ ପାଣି ନିଷ୍କାସିତ ହେଉଥିଲ ବେଳେ ଉକ୍ତ ସମୟରେ ୬୩ ହଜାର ୩୮୬ ଘନଫୁଟ ପାଣି ଜଳଭଣ୍ଡାର ଭିତରକୁ ପ୍ରବେଶ କରୁଛି । ମହାନଦୀର ତଳମୁଣ୍ଡର ଖଇରାମାଳଠାରେ ପ୍ରତି ସେକେଣ୍ଡରେ ୩ ଲକ୍ଷ ୩୫ ହଜାର ଘନଫୁଟ ପାଣି ପ୍ରବାହିତ ହେଉଥିଲା ବେଳେ ବରମୂଳ ଠାରେ ୨ ଲକ୍ଷ ୮୩ ହଜାର ଏବଂ ମୁଣ୍ଡଳିଠାରେ ୨ ଲକ୍ଷ ୬୧ ହଜାର ୫୦୦ ଘନ ଫୁଟ ପାଣି ପ୍ରବାହିତ ହେଉଛି । ଆଜି ସକାଳ ୬ଟାରେ ହୀରାକୁଦର ୧୨ ଟି ଗେଟ୍ ଖୋଲାଯାଇଥିଲା ବେଳେ ସନ୍ଧ୍ୟାରେ ପୁଣି ୩ ଟି ଗେଟ୍ ଖୋଲାଯାଇ ୧୫ କୁ ବୃଦ୍ଧି ପାଇଛି । ବର୍ତମାନ ଜଳ ଭଣ୍ଡାରର ଜଳପତନ ୬୨୯.୯୭ ଫୁଟରେ ରହିଛି ।

## ବିଜେପୁର ଉପ ନିର୍ବାଚନ ପାଇଁ ସନତ ଗଡତିଆ ହେଲେ ବିଜେପି ପ୍ରାର୍ଥୀ

ଭୁବନେଶ୍ୱର, (ପିଏନ)- ବିଜେପୁର ଉପ ନିର୍ବାଚନ ପାଇଁ ସନତ ଗଡତିଆଙ୍କୁ ବିଜେପି ଦଳୀୟ ପାର୍ଥୀ କରିଛି । ବିଜେପିର କେନ୍ଦ୍ରୀୟ କମିଟି ପକ୍ଷରୁ ଏ ସମ୍ପର୍କରେ ବିଧିବଦ୍ଧ ଘୋଷଣା କରା ଯାଇଛି । ଉଲ୍ଲେଖନୀୟ ଯେ ଆସନ୍ତା ୨୧ ତାରିଖ ଦିନ ବିଜେପୁର ବିଧାନସଭା ଆସନ ପାଇଁ ଉପ ନିର୍ବାଚନ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଆସନ ଛାଡିବା କାରଣରୁ ଏଠାରେ ଉପ ନିର୍ବାଚନ ହେଉଛି । ଏଥି ପୂର୍ବରୁ କଂଗ୍ରେସ ଓ ବିଜେଡି ସେମାନଙ୍କର ପ୍ରାର୍ଥୀ ଘୋଷଣା କରି ସାରିଛନ୍ତି । କଂଗ୍ରେସ ପକ୍ଷରୁ ବରଗଡ ଜିଲ୍ଲା କଂଗ୍ରେସର ଉପ ସଭାପତି ଦିଲ୍ଲିପ ପଣ୍ଡାଙ୍କୁ ପ୍ରାର୍ଥୀ କରା ଯାଇଥିବା ବେଳେ ବିଜେଡି ଶ୍ରୀମତୀ ରୀତା ସାହୁଙ୍କୁ ପ୍ରାର୍ଥୀ କରିଛି ।



*କୋଲକତା ରାଜରାସ୍ତାରେ ଏକ ପରିବାର ବର୍ଷାରୁ ରକ୍ଷା ପାଇବା ପାଇଁ ଜରିର ସାହାଯ୍ୟ ନେଉଛନ୍ତି*

# ପଲିଥିନ ମୁକ୍ତ ଭାରତ ପାଇଁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦିନ ରେଡ଼ିଓ କାର୍ଯ୍ୟକ୍ରମ ମନ କୀ ବାତ ରେ ଲୋକମାନଙ୍କୁ ନବରାତ୍ରି ମହୋତ୍ସବ, ଗରବା, ଦୁର୍ଗାପୂଜା, ଦଶହରା, ଦୀପାବଳୀ, ଭାଇ-ଦୂଜ, ଛଠ ପୂଜା ଆଦି ପାଇଁ ବଧାଇ ଜଣାଇଛନ୍ତି । ସେ ୧୫୦ତମ ଗାନ୍ଧୀ ଜୟନ୍ତୀ ବିଷୟରେ ଚର୍ଚ୍ଚା କରିବା ସମୟରେ ପଲିଥିନ ମୁକ୍ତ ଭାରତ ପାଇଁ ଆହ୍ୱାନ ଦେଇଥିଲେ ।



ପ୍ରଧାନମନ୍ତ୍ରୀ ଇ ସିଗାରେଟର ଉଲ୍ଲେଖ କରି କହିଥିଲେ ଯେ, ସମସ୍ତଙ୍କୁ ନିଶାରୁ ଦୂରରେ ରହିବା ଉଚିତ । ସେ କହିଛନ୍ତି ଯେ, ତମାଖୁ ଦ୍ୱାରା ଲୋକଙ୍କ ମୃତ୍ୟୁ ହେବାର ସମ୍ଭାବନା ରହିଛି । ତମାଖୁ ଦ୍ୱାରା ମସ୍ତିଷ୍କ ପ୍ରଭାବିତ ହୋଇଥାଏ । ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ବୋଲି ସେ କହିଛନ୍ତି । ମନ କୀ ବାତର ଆରମ୍ଭରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି କି ବିଦେଶରୁ ପ୍ରଥମେ ଲତା ଦିଦିଙ୍କ ସହିତ ଫୋନରେ କଥା ହୋଇ ଜନ୍ମ ଦିନର ବଧାଇ ଜଣାଇଛି । ମୋଦୀ ତାଙ୍କୁ କହିଛନ୍ତି ଯେ, ଆପଣଙ୍କ ସ୍ୱାସ୍ଥ୍ୟ ଠିକ ରହୁ । ଆପଣଙ୍କ ଆଶୀର୍ବାଦ ଆମ ସମସ୍ତଙ୍କ ପାଇଁ ରହିଛି । ଏହା ହିଁ ପ୍ରାର୍ଥନା କରୁଛୁ । ଉଲ୍ଲେଖନୀୟ ଯେ, ୨୮ ସେପ୍ଟେମ୍ବର ଦିନ ଲତା ମଙ୍ଗେସକରଙ୍କ ଜନ୍ମ ଦିନ ଥିଲା । ପ୍ରଧାନମନ୍ତ୍ରୀ ଆମେରିକା ଗସ୍ତରେ ଥାଇ ପ୍ରଥମେ ଲତା ମଙ୍ଗେସକରଙ୍କୁ ବଧାଇ ଜଣାଇଥିଲେ ।

# ଲଘୁଚାପଜନିତ ବର୍ଷା ; ବିଭିନ୍ନ ନଦୀର ଜଳପତନ ବୃଦ୍ଧି

ଭୁବନେଶ୍ୱର, (ପିଏନ)- ଲଘୁଚାପଜନିତ ବର୍ଷା ଯୋଗୁଁ ବିଭିନ୍ନ ନଦୀର ଜଳପତନ ବୃଦ୍ଧି ପାଇ ବିପଦସଂକେତ ନିକଟତର ହେବାରେ ଲାଗିଛି । ମହାନଦୀ ନରାଜ ଠାରେ ବିପଦ ସଂକେତ ୨୬.୪୧ ମିଟର ଥିବା ବେଳେ ସଂନ୍ଧ୍ୟା ଜଳ ପତନ ୨୬.୨୨ ମିଟରରେ ପ୍ରବାହିତ ହେଉଛି । ସେହିପରି ଦେବୀ ନଦୀ ଆଳି ପିଙ୍ଗଳ ଠାରେ ବିପଦ ସଂକେତ ୧୧.୭୬ ମିଟର ରହିଥିବା ବେଳେ ସଂନ୍ଧ୍ୟା ୬ଟା ସୁଦ୍ଧା ଜଳପତନ ୫.୩୨ ମିଟରରେ ପ୍ରବାହିତ ହେଉଛି । ବ୍ରାହ୍ମଣୀ ନଦୀ ପାନପୋଷ ଠାରେ ବିପଦ ସଂକେତ ୧୭୮.୪୨ ମିଟର ଥିବା ବେଳେ ସଂନ୍ଧ୍ୟାରେ ୧୭୫.୫ ମିଟରରେ ପ୍ରବାହିତ ହେଉଛି । ଏହି ନଦୀର ଜେନାପୁର ଠାରେ ଜଳ ପତନ ବିପଦ ସଂକେତ ୨୩ ମିଟର ଥିବା ବେଳେ ସଂନ୍ଧ୍ୟାରେ ୧୯.୪ ମିଟରରେ ପ୍ରବାହିତ ହେଉଛି । ବୈତରଣୀ ନଦୀ ଆଖୁଆପଦା ଠାରେ ବିପଦ ସଂକେତ ୧୭.୮୩ ମିଟର ଥିବା ବେଳେ ସଂନ୍ଧ୍ୟାରେ ଏହାର ଜଳ ପତନ ୧୭.୩୦ ମିଟରରେ ପ୍ରବାହିତ ହେଉଛି । ସୁବର୍ଣ୍ଣରେଖା ନଦୀ ଜାମଶାଳା ଘାଟରେ ବିପଦ ସଂକେତ ୪୯.୧୫ ମିଟର ଥିବାବେଳେ ଜଳ ପତନ ୪୬.୭୬ ମିଟରରେ ପ୍ରବାହିତ ହେଉଛି । ଏହି ନଦୀର ରାଜଘାଟ ଠାରେ ବିପଦ ସଂକେତ ୧୦.୩୬ ମିଟର ଥିବା ବେଳେ ସଂନ୍ଧ୍ୟାରେ ଏଠାରେ ୬.୪୬ ମିଟରରେ ପ୍ରବାହିତ ହେଉଛି । ବଂଶଧାରା ନଦୀ ଗୁଣୁପୁର ଠାରେ ବିପଦ ସଂକେତ ୮୪ ମିଟର ଥିବା ବେଳେ ୮୧.୨୨ ମିଟରରେ ପ୍ରବାହିତ ହେଉଛି । ଉକ୍ତ ନଦୀର କାଶୀନଗର ଠାରେ ବିପଦ ସଂକେତ ୫୪.୬୦ ମିଟର ଥିବା ବେଳେ ସେଠାରେ ସନ୍ଧ୍ୟାରେ ୫୩.୩୩ ମିଟରରେ ପ୍ରବାହିତ ହେଉଛି । ଜଳକା ନଦୀ ମଥାନି ଠାରେ ବିପଦ ସଂକେତ ୫.୫୦ ମିଟର ରହିଥିବା ବେଳେ ସଂନ୍ଧ୍ୟାରେ ୫.୮୯ ମିଟରରେ ପ୍ରବାହିତ ହେଉଛି । କୁଶଭଦ୍ରା ନିମାପଡ଼ା ଠାରେ, ଇବ୍ ସୁନ୍ଦରଗଡ଼ ଠାରେ ବୁଢ଼ାବଳଙ୍ଗ ଜାତୀୟ ରାଜପଥ ଠାରେ ଜଳପତନ ସ୍ଥିର ରହିଥିବା ବେଳେ ବ୍ରାହ୍ମଣୀ ନଦୀ ଆନନ୍ଦପୁର ଏବଂ ଋଷିକୂଲ୍ୟା ପୁରୁଷୋତମପୁର ଠାରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି ।

# ବିଜେଡି-ବିଜେପି ପରସ୍ପରର ସହଯୋଗ କରୁଛନ୍ତି : ଡି ରାଜା

ଭୁବନେଶ୍ୱର, (ପିଏନ)- ପ୍ରଧାନମନ୍ତ୍ରୀ ଓ ତାଙ୍କ ସରକାର ବିଭିନ୍ନ କ୍ଷେତ୍ରରେ ବିଫଳ ହୋଇଛନ୍ତି ବୋଲି ସିପିଆଇର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡି. ରାଜା ପ୍ରକାଶ କରିଛନ୍ତି । ବିଜେଡି ଓ ବିଜେପି ଉଭୟ ହାତ ମିଳାଇଛନ୍ତି ଓ ପରସ୍ପର ପରସ୍ପରକୁ ସହଯୋଗ କରୁଥିବାର ଅନେକ ଦୃଷ୍ଟାନ୍ତ ରହିଥିବା ସେ କହିଛନ୍ତି । ସେ କହିଛନ୍ତି ଯେ ପୂର୍ବ ଅପେକ୍ଷା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଦଳି ଯାଇଛନ୍ତି । ନବୀନ ନିର୍ବାଚନ ପୂର୍ବରୁ ଗୋଟେ ପ୍ରକାର ଥିଲେ ଆଉ ଏବେ ବଦଳି ଯାଇଛନ୍ତି । ନିର୍ବାଚନ ପୂର୍ବରୁ ଗୋଟିଏ କଥା କହୁଥିଲେ । କିନ୍ତୁ ନିର୍ବାଚନ ପରେ ବଦଳିଗଲେ । ଏଭଳି କହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଛନ୍ତି ସିପିଆଇର ଜାତୀୟ ସମ୍ପାଦକ ଡି.ରାଜା ।

ଡି.ରାଜା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରୁନାହାନ୍ତି । ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାରଙ୍କ ବିରୋଧରେ କହୁଥିଲେ । ଏବେ କିନ୍ତୁ ପରସ୍ଥିତି ସମ୍ପୂର୍ଣ୍ଣ ଅଲଗା । କେନ୍ଦ୍ର ସରକାରଙ୍କ ଅନେକ କଥାରେ ନବୀନ ସହମତି ପ୍ରକାଶ କରୁଛନ୍ତି । ସବୁବେଳେ ଲୋକଙ୍କୁ ସତ ଲୁଚାଇ ହେବ ନାହିଁ । ତେଣୁ ନବୀନ ଏ ସମ୍ପର୍କରେ ସ୍ପଷ୍ଟ କରନ୍ତୁ । ଅର୍ଥନୀତି ଉପରେ ଆକ୍ରମଣ ଚାଲିଥିଲେ ହେଁ ନବୀନ ଚୁପ ରହୁଛନ୍ତି । ଯଦି ହିନ୍ଦୀ ଏକକ ଭାଷୀ ହୁଏ ତାହାଲେ ଓଡ଼ିଆ ଲୋକଙ୍କ ଭାଗ୍ୟ କଣ ହେବ ବୋଲି ସିପିଆଇର ଜାତୀୟ ସମ୍ପାଦକ ଡି.ରାଜା କହିଛନ୍ତି । ସେ ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଗୋଟିଏ ଦେଶ ଓ ଗୋଟିଏ ଭାଷା ପାଇଁ ବିଜେପିର ପ୍ରସ୍ତାବ ଉପରେ ମୁଖ୍ୟମନ୍ତ୍ରୀ କୌଣସି ସ୍ପଷ୍ଟ ମତ ରଖି ନାହାନ୍ତି । ଯଦି ଗୋଟିଏ ଦେଶ ଓ ଗୋଟିଏ ଭାଷା ହୁଏ ତେବେ ଓଡିଶାର ଅବସ୍ଥା କଣ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି ।

ଦେଶରେ ବେକାରୀ ଓ ଆର୍ଥିକ ମାନ୍ଦାବସ୍ଥା ଦିନକୁ ଦିନ ଜଟିଳ ହେବାରେ ଲାଗିଛି । ଏହା ବିରୁଦ୍ଧରେ ଅକ୍ଟୋବର ୧୦ରୁ ୧୬ ଯାଏ ସିପିଆଇ ପକ୍ଷରୁ ଦେଶବ୍ୟାପୀ ଆନ୍ଦୋଳନ କରା ଯିବ ବୋଲି ସେ କହିଛନ୍ତି ।

# ବିଭିନ୍ନ ମେଡିକାଲ ଓ ଆରଟିଓ ଅଫିସରେ ଚଢ଼ଉ : ୧୬ ଦଲାଲ୍ ଗିରଫ

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମେଡିକାଲ ଓ ଆରଟିଓ ଅଫିସକୁ ଦଲାଲ୍ ମୁକ୍ତ କରିବା ନେଇ ପୋଲିସ ବିଭାଗର ଅଭିଯାନର ଆଜି ଚତୁର୍ଥ ଦିନରେ ରାଜ୍ୟର ବିଭିନ୍ନ ଡାକ୍ତରଖାନା ଓ ଆରଟିଓ ଅଫିସ୍ ରେ ଚଢ଼ଉ କରାଯାଇ ମୋଟ୍ ୧୬ ଜଣ ଦଲାଲ୍ ଙ୍କୁ ଗିରଫ କରାଯାଇଛି । ତନ୍ମଧ୍ୟରେ ଯାଜପୁର ଆରଟିଓରୁ ୨ ଜଣ, ନୂଆପଡାରୁ ୨ ଜଣ, କଳାହାଣ୍ଡିରୁ ୨ ଜଣ ଗିରଫ ହୋଇଥିବା ବେଳେ କଟକ ଏସସିବି ମେଡିକାଲ କଲେଜରୁ ୫ ଜଣ, ନୟାଗଡ଼ ହସ୍ପିଟାଲରୁ ଜଣେ, କେନ୍ଦୁଝରରୁ ୨ ଜଣ, ବୌଦ୍ଧରୁ ଜଣେ ଓ ମୟୂରଭଞ୍ଜରୁ ଜଣେ ଦଲାଲ୍ ଙ୍କୁ ଗିରଫ କରାଯାଇଛି । ଗତକାଲି ତୃତୀୟ ଦିନରେ ୩୧ ଜଣ, ଦ୍ୱିତୀୟ ଦିନରେ ୭୫ ଜଣ ଦଲାଲ୍ ଙ୍କୁ ଗିରଫ କରାଯାଇଥିବା ବେଳେ ଗତ ଗୁରୁବାର ପ୍ରଥମ ଦିନରେ ୩୦ ଜଣ ଦଲାଲ୍ ଙ୍କୁ ଗିରଫ କରାଯାଇଥିଲା । ପ୍ରକାଶ ଥାଉ କି, ମେଡିକାଲ ଗୁଡିକୁ ଦଲାଲ୍ ଏବଂ ମଧ୍ୟସ୍ଥି ମାନଙ୍କ କବଳରୁ ମୁକ୍ତ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ) ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ (ଏସପି) ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ପୋଲିସ ଡିଜିଙ୍କ ତତ୍ୱାବଧାନରେ ଏହି ଚଢ଼ଉ ଅଭିଯାନ ଜାରୀ ରହିଛି । ଆଗାମୀ ଦିନରେ ମଧ ପୋଲିସର ଅନୁରୂପ ଅଭିଯାନ ଜାରୀ ରହିବ ବୋଲି ଜଣାପଡିଛି । କାରଣ ଡ଼ିସିପି ଓ ଏସପିଙ୍କ ତତ୍ୱାବଧାନରେ ଦଲାଲ୍ ଙ୍କୁ ଗିରଫ କରିବା ପାଇଁ ପୋଲିସ ଅଫିସର ମାନେ ଅଭିଯାନ ଜାରୀ ରଖିବାକୁ ବିଭାଗୀୟ ନିର୍ଦ୍ଦେଶ ରହିଛି । ଏଥିସହିତ ଡିସିପି ଓ ଏସପି ମାନେ ନିୟମିତ ଭାବେ ଦଲାଲ୍ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତ ରିପୋର୍ଟ ଡିଜିପିଙ୍କ ନିକଟରେ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି ।

# ମିଳୁନି ସରକାରୀ ସହାୟତା, ଭିକ୍ଷାବୃତି ହିଁ ସାହା ଭରସା

ଧର୍ମଶାଳା,(ପିଏନ)- ସରକାର ବିଭିନ୍ନ ଯୋଜନା କରୁଛନ୍ତି । ବାସ୍ତବରେ ତାହା କାମରେ ପରିଣତ ହେଉ ନ ଥିବା ଅଭିଯୋଗ ହୋଇଛି । ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ନ ମିଳିବାରୁ ବାଧ ହୋଇ ପୁଅ ରୋସନ ଭିକ୍ଷାବୃତିକୁ ଆପଣେଇ ନେଇଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବଡଚଣା ବ୍ଲକ ଭୁଷଣ୍ଡପୁର ପଂଚାୟତର ପଞ୍ଜାବ ନେସେନାଲ ବ୍ୟାଙ୍କ ନିକଟରେ ରହୁଥିବା ରମେଶ ଠାକୁର(୪୦)ଙ୍କ ପରିବାର କ୍ଷେତ୍ରରେ । ନିଜ ସ୍ତ୍ରୀ ସଞ୍ଜୁ, ୨ ଜଣ ୯ ବର୍ଷର ଝିଅ ଓ ଏକମାତ୍ର ପୁଅ ରୋସନ ଠାକୁର ଯେ କି ସ୍ଥାନୀୟ ବିଦ୍ୟାଳୟରେ ୭ମ ଶ୍ରେଣୀରେ ପାଠ ପଢେ । ବ୍ୟାଙ୍କ ନିକଟ ଏକ ଭଡା ଘରେ ରମେଶ ଦୀର୍ଘ ଦିନରୁ ରହି ଆସୁଅଛି । ଗୁପଚୁପ ଆଇସକ୍ରିମ ବିକ୍ରୟ କରି ସେ ତାର ପରିବାର ପ୍ରତିପୋଷଣ କରିଥାଏ । ଦେଢବର୍ଷ ତଳେ ରମେଶ ହଠାତ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ପ୍ରଥମେ ବଡଚଣା ଓ ପରେ କଟକ ବଡ ମେଡିକାଲରେ ଚିକିତ୍ସିତ ହେବାକୁ ଯାଇଥାଏ । ଅର୍ଥାଭାବରୁ ଅଧିକ ଚିକିତ୍ସା ପାଇଁ ସମ୍ବଳ ନଥିବାରୁ ତାର ସ୍ତ୍ରୀ ସଞ୍ଜୁ ବାଧ ହୋଇ ତାକୁ ଘରକୁ ନେଇଆସେ । ଏବେ ବାପାର ଔଷଧ ଖର୍ଚ୍ଚ ଓ ପରିବାରର ଖର୍ଚ୍ଚ ପାଇଁ ରୋସନ ଏବେ ଭିକ୍ଷାବୃତିକୁ ଆପନାଇ ନେଇଛି । ସକାଳ କିଛି ଘଂଟା ସ୍ଥାନୀୟ ଦର୍ପଣ, ମହବିନାନୟକ ଓ ଚଣ୍ଡିଖୋଲ ଛକରେ ଭିକ୍ଷାବୃତି କରି ଯେଉଁ ୧୦୦/୨୦୦ ଟଙ୍କା ଆଣିଥାଏ ସେଇଥିରେ ବାପାର ଔଷଧ ଖର୍ଚ୍ଚ ଓ ଘର ଖର୍ଚ୍ଚ ହୋଇଥାଏ । ସ୍ତ୍ରୀ ମଧ୍ୟ ପାଖ ପଡିଶା ଘରୁ ମାଗିଯାଚି ଘର ଚଳାଇଥାଏ । ସ୍ୱାମୀଙ୍କର ସ୍ୱାସ୍ଥ୍ୟ ଭଲ ହୋଇଗଲେ ପୁଅ ଆଉ ଭିକ୍ଷାବୃତି କରନ୍ତା ନାହିଁ ସ୍ତ୍ରୀ ସଞ୍ଜୁ ବୁଲି ବୁଲି ଲୋକମାନଙ୍କୁ ନିଜର ଦୁଃଖ ଦୁର୍ଦ୍ଦଶା ଜଣାଉଛି । ତେବେ ସ୍ୱାମୀଙ୍କର ଚିକିତ୍ସା ପାଇଁ ଅଧିକ ଅର୍ଥ ଦରକାର ହୋଇଥିବାରୁ ନିକଟରେ ବଡଚଣା ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ସଞ୍ଜୁ ପହଂଚି ନିଜର ଗୁହାରୀ ଜଣାଇଥିଲା । କିନ୍ତୁ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ସୁଦ୍ଧା ଅର୍ଥାଭାବରୁ ଚିକିତ୍ସା ଅଧିକାରୀଙ୍କୁ ଭେଟିବାକୁ ସେ ଯାଇ ପାରୁ ନ ଥିବା ଜଣାପଡିଛି । ରମେଶଙ୍କ ନାମରେ ବଡଚଣା ବ୍ଲକରେ ଆଧାରକାର୍ଡ ଓ ଭୋଟର ପରିଚୟ ପତ୍ର ଥିଲେ ସୁଦ୍ଧା ରେସନକାର୍ଡ ଖଣ୍ଡିଏ ପାଇବା ପାଇଁ ସ୍ଥାନୀୟ ସରପଂଚଙ୍କୁ ନେହୁରା ହୋଇଥିଲେ ସୁଦ୍ଧା ରାସନକାର୍ଡ ଖଣ୍ଡିଏ ପାଇପାରିଲା ନାହିଁ । ଦୁଇ କୁନି ଝିଅ ମଧ ନିକଟସ୍ଥ ବିଦ୍ୟାଳୟରେ ପାଠ ପଢୁଛନ୍ତି । କିନ୍ତୁ ନିଜର ସ୍ୱାମୀ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିଲେ ସବୁ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ସ୍ତ୍ରୀ ସଂଜୁ ପ୍ରକାଶକରିଛନ୍ତି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରମେଶଙ୍କ ପରିବାରକୁ ଏକ ରାସନକାର୍ଡ ଓ ପୀଡିତାଙ୍କୁ ଅଧିକ ଚିକିତ୍ସା ପାଇଁ ଆର୍ଥିକ ସାହାର୍ଯ୍ୟ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

**ଷ୍ଟେଜ୍ ରେ ସୁରକ୍ଷା କର୍ମୀଙ୍କ ଫାଙ୍କା ଗୁଳି ଚାଳନା ଭିଡ଼ିଓ ଭାଇରାଲ୍ ଘଟଣା**

# ବ୍ୟବସାୟୀ ନାରୁଆ ସମେତ ତିନି ସୁରକ୍ଷା କର୍ମୀ ଗିରଫ

ପୁରୀ, (ପିଏନ)- ଷ୍ଟେଜ୍ ରେ ନୃତ୍ୟର ତାଳେ ତାଳେ ସୁରକ୍ଷା କର୍ମୀଙ୍କ ଫାଙ୍କା ଗୁଳି ଚାଳନା ଭିଡ଼ିଓ ଭାଇରାଲ୍ ଘଟଣାରେ ଜିଲ୍ଲା ପୋଲିସ ବ୍ୟବସାୟୀ ନାରାୟଣ ସାହୁ ଓରଫ ନାରୁଆ ଏବଂ ତାଙ୍କର ତିନି ଜଣ ସୁରକ୍ଷା କର୍ମୀଙ୍କୁ ଗିରଫ କରିଛି । ସମ୍ପୃକ୍ତ ତିନି ଜଣ ସୁରକ୍ଷା କର୍ମୀ ହେଲେ ଭରୁନ କୁମାର ମୋତିଆ, ଦେବେନ୍ଦ୍ର କୁମାର ଓ ବବଲୁ କୁମାର । ଅଭିଯୁକ୍ତ ମାନଙ୍କ ନିକଟରୁ ୫ଟି ମୋବାଇଲ୍ ଓ ଦୁଇଟି ପିସ୍ତଲ ଜବତ ହୋଇଛି । ଗିରଫ ପରେ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଛି । ନାରୁଆ ନାମରେ ପୁରୀ ଜିଲ୍ଲାର ବିଭିନ୍ନ ଥାନାରେ ୩୨ଟି ଅପରାଧିକ ମାମଲା ରହିଛି । ସୂଚନା ଅନୁଯାୟୀ, ପୁରୀ ବାଲିସାହି ତେଲିପଡିଆରେ ଆୟୋଜିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଏହି ଦୃଶ୍ୟ ଗତ ଦୁଇ ଦିନ ତଳେ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହୋଇଥିଲା । ଯାହାକୁ ନେଇ ପୁରୀରେ ବିହାର ଷ୍ଟାଇଲ୍ ସଂକ୍ରାନ୍ତୀୟ ଚର୍ଚ୍ଚା ଜୋର୍ ଧରିଥିଲା । ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରସାରଣ ପରେ ପୋଲିସ ଘଟଣାକୁ ଅତ୍ୟନ୍ତ ଗୁରୁତର ସହ ନେଇ ମାମଲାର ତଦନ୍ତ ଆରମ୍ଭ କରିଥିଲା । ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହୋଇଥିବା ଏହି ଭିଡ଼ିଓରେ ବ୍ୟବସାୟୀ ନାରାୟଣ ସାହୁ ଷ୍ଟେଜ୍ ରେ ନାଚୁଥିବା ଦେଖିବାକୁ ମିଳିଛି । ତାଙ୍କ ସହିତ ନାଚିଲା ବେଳେ ପ୍ରଥମେ ଜଣେ ସୁରକ୍ଷା କର୍ମୀ ୪ ରାଉଣ୍ଡ ବ୍ଲାଙ୍କ ଫାୟାରିଂ କରିଥିଲେ । ପରେ ଅନ୍ୟ ଜଣେ ସୁରକ୍ଷା କର୍ମୀ ତିନି ରାଉଣ୍ଡ ବ୍ଲାଙ୍କ ଫାୟାରିଂ କରିଥିଲେ । ପୁରୀ ବାଲିସାହି ତେଲିପଡିଆରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

# ରାଉରକେଲାକୁ ଅତ୍ୟାଧୁନିକ ଷ୍ଟିଲ୍ କ୍ଲଷ୍ଟର କରିବା ଲକ୍ଷ୍ୟ : ଧର୍ମେନ୍ଦ୍ର

ରାଉରକେଲା, (ପିଏନ)- ରାଉରକେଲାରେ ଗୋଟିଏ ଅତ୍ୟାଧୁନିକ ଷ୍ଟିଲ୍ କ୍ଲଷ୍ଟର ବନାଇବାର ମଧ୍ୟ ଲକ୍ଷ୍ୟ ରହିଛି । ରାଉରକେଲା ଇସ୍ପାତ୍ କାରଖାନାକୁ ସଂପ୍ରସାରଣ କରାଯିବାର ଯୋଜନା ପ୍ରସ୍ତୁତ କରାଯାଇଛି । ସପ୍ତମ ବେତନ କମିଶନ ଅନୁସାରେ ଶ୍ରମିକ ମାନଙ୍କର ପାରିଶ୍ରମିକ ବୃଦ୍ଧି କରିବାକୁ ସେଲ୍‌କୁ ପରାମର୍ଶ ଦିଆଯାଇଛି । ରାଉରକେଲାର ସ୍ଥାନୀୟ ଖଣିଜ ଦ୍ରବ୍ୟକୁ କଂଚାମାଲ ଭାବେ ଉପଯୋଗ କରି ରାଉରକେଲାର ଅର୍ଥନୀତିକୁ ଦୁଇଗୁଣା କରିବାର ଆବଶ୍ୟକତା ରହିଛି । କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଭାବରେ ଦାୟିତ୍ୱ ନେବା ପରେ ରାଉରକେଲା ଷ୍ଟିଲ୍ ପ୍ଲାଂଟ ବୁଲି ଦେଖିବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଇସ୍ପାତ୍ ଶିଳ୍ପ ବିଶ୍ୱରେ ଗୋଟିଏ ଚ୍ୟାଲେଞ୍ଜିଂ ସମୟରେ ଗତି କରୁଛି । ଏହା ଭିତରେ ମଧ୍ୟ ଭାରତୀୟ ଇସ୍ପାତ୍ ଶିଳ୍ପକୁ ପ୍ରାସଙ୍ଗୀକ କରି ରଖିବା ତଥା ସେଲକୁ ପ୍ରାସଙ୍ଗୀକ କରି ରଖିବା ସରକାରଙ୍କ ପ୍ରମୁଖ ଦାୟିତ୍ୱ । ସେଥିପାଇଁ ସେଲର ଭାୟାବିଲିଟି ଅଧିକ ହେଉ ତା ପାଇଁ ବିଭିନ୍ନ ପଦକ୍ଷେପ ଭାରତ ସରକାର ଗତ ୫ ବର୍ଷରେ ନେଇଛନ୍ତି ଏବଂ ଆଗାମୀ ଦିନ ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ୨୦୩୦ ସୁଦ୍ଧା ଭାରତରେ ଷ୍ଟିଲ୍ ଉତ୍ପାଦନର କ୍ଷମତା ଆଜି ଦିନରେ ୧୪୦ ଥିଲାବେଳେ ତାହାକୁ ବୃଦ୍ଧି କରି ୩୦୦ କରିବାର ଯୋଜନା କରାଯାଇଛି । ରାଉରକେଲା ଷ୍ଟିଲ୍ ପ୍ଲାଂଟକୁ ସଂପ୍ରସାରଣ କରାଯିବାର ଯୋଜନା ମଧ୍ୟ ଏହାରି ମଧ୍ୟରେ ରହିଛି । ଆଜିର ପ୍ଲାଟର ଯେଉଁ କାମ ଅସମ୍ପୂର୍ଣ୍ଣ ଅଛି ସେଗୁଡିକୁ ମଧ୍ୟ ପୂରଣ କରାଯିବ, ନୂଆ କ୍ଷମତା ବିଶିଷ୍ଟ କରାଯିବ । ୨୦୨୦ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଅନେକ ଖଣିକୁ ନିଲାମ କରାଯିବା ପାଇଁ ଭାରତ ସରକାର ନିଷ୍ପତି ନେଇଥିବା ବେଳେ ଓଡିଶା ଭଳି ରାଜ୍ୟରେ ସେକେଣ୍ଡାରୀ ସେକ୍ଟରକୁ ମିନେରାଲ୍ ରିସୋର୍ସ କିପରି ଉପଲବ୍ଧ ହେବ ତାହା ଚିନ୍ତାର ବିଷୟ । ପ୍ରଥମେ ସେଲ୍ ନିଜ ଆବଶ୍ୟକତା ପୂରଣ କରିବା ସହ ନିଜ ଉତ୍ପାଦନର ୨୫ ପ୍ରତିଶତ ଅଧିକ ଉତ୍ପାଦନ କରିବାର ନିତିଗତ ନିଷ୍ପତି ସେଲ୍ ପକ୍ଷରୁ କରାଯାଇଛି । ସେଲ୍ ପାଖରେ ପାଖାପାଖି ୭୦ ମିଲିୟନ ମେଟ୍ରିକ୍ ଟନର୍ ଲୋଗ୍ରେଡ୍ ଆଇରନ ଫାଇନ୍ସ ଉପଲବ୍ଧ ଅଛି । ଏହି ଲୋଗ୍ରେଡ୍ ଆଇରନ୍ ଫାଇନ୍ସକୁ ଭଲ୍ୟୁ ଆଡିସନ କରି ବଜାରରରେ ବିକ୍ରି କରିବାକୁ ଅନୁମତି ଦିଆଯାଇଛି । ରାଉରକେଲାର ଷ୍ଟିଲ୍ କାରଖାନା ପାଖାପାଖି ୪ ଲକ୍ଷ ମେଟ୍ରିକ୍ ଟନ୍ ଇସ୍ପାତ୍ ଉତ୍ପାଦନ କରୁଥିବା ବେଳେ ଆଗାମୀ ଦିନରେ ଏହାକୁ ବୃଦ୍ଧି କରାଯିବାର ଲକ୍ଷ୍ୟ ରହିଛି । ସେହିପରି ଆଗାମୀ ଦେଢ ବର୍ଷ ଭିତରେ ରାଉରକେଲାର ସ୍ଥାନୀୟ ଖଣିଜକୁ କଂଚାମାଲ ଭାବେ ଉପଯୋଗ କଲେ ରାଉରକେଲାର ଅର୍ଥନୀତି ଦୁଇ ଗୁଣା ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଓଡିଶାରେ ରାଉରକେଲା ଏକ ବଡ ମାନୁଫ୍ୟାକ୍ଚରିଂ ହବ୍ ହେବା ନେଇ ଲକ୍ଷ୍ୟ ରହିଥିବା ବେଳେ ଏହି ଦୁଇଟି ନିଷ୍ପତି ରାଉରକେଲା ଅର୍ଥନୀତିକୁ ମଜବୁତ୍ କରିବ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଉରକେଲାରେ ପାଖାପାଖି ୩୨ ହଜାର ଏକର ଜମି ରାଉରକେଲା ଷ୍ଟିଲ୍ ପ୍ଲାଂଟ ପାଇଁ ରହିଛି । ତେବେ ରାଉରକେଲାର ଷ୍ଟିଲ୍ ପ୍ଲାଟର ସଂପ୍ରସାରଣ ପାଇଁ ଜମିର ଆବଶ୍ୟକତା ଅଛି । ରାଉରକେଲାର ବସ୍ତି ଲୋକଙ୍କୁ ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନାରେ ଘର ଉପଲବ୍ଧ କରାଇବାର ଯୋଜନା ମଧ୍ୟ ପ୍ରସ୍ତାବ ଦିଆଯାଇଛି । ବସ୍ତି ଲୋକଙ୍କ ପାଇଁ ସେଲ୍ ଓ ରାଜ୍ୟ ସରକାର ମିଳିତ ଭାବରେ ଦାୟିତ୍ୱ ନେବାର ଆବଶ୍ୟକତା ରହିଛି ।










## ଟି ଟାଇମ୍

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦ୍ରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶୋଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



# ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।



# ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।



# ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

# ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ହୃଦ୍‌ରୋଗ: ମହିଳା ସାବଧାନ





କିଛି ବର୍ଷ ପୂର୍ବେ ପୁରୁଷମାନେ ହିଁ ବେଶି ଏହି ରୋଗର ଶୀକାର ହେଉଥିବା ବେଳେ ଋତୁସ୍ରାବରୁ ବିରତି ପରେ କିଛି ମହିଳାଙ୍କ ଠାରେ ହୃଦ୍‌ଘାତ ଦେଖିବାକୁ ମିଳୁଥିଲା। ପୁରୁଷମାନଙ୍କ କ୍ଷେତ୍ରରେ ଏହି ବ୍ୟଥା ହୃତ୍‌ପିଣ୍ଡରେ ବେଶି ପରିଶ୍ରମ କରିବା ବେଳେ ହୋଇଥାଏ। ବିଶ୍ରାମ ନେଲେ ତାହା କମିଯାଏ, ମାତ୍ର ମହିଳା ମାନଙ୍କ କ୍ଷେତ୍ରରେ ଏହା ବିଶ୍ରାମ ନେବା ସମୟ ଓ ମାନସିକ ଚିନ୍ତା ସମୟରେ ବେଶୀ ଦେଖାଦିଏ। ମହିଳାମାନଙ୍କ ଠାରେ ହୃଦ୍‌ଘାତ ସମୟରେ ଡାହାଣ କାନ୍ଧବ୍ୟଥା, ବାନ୍ତି, ଥକିଯିବା ତଥା ଅଣନିଃଶ୍ୱାସୀ ହେବା ଭଳି ଲକ୍ଷଣମାନ ପ୍ରକାଶ ପାଇଥାଏ।

**ମଧୁମେହ ରୋଗୀଙ୍କୁ ସମ୍ଭାବନା:** ମହିଳା ମଧୁମେହ ରୋଗୀମାନେ ପୁରୁଷ ମଧୁମେହ ରୋଗୀଙ୍କ ଠାରୁ ହୃଦ୍‌ଘାତରେ ଆକ୍ରାନ୍ତ ହେବାର ସମ୍ଭାବନା ବେଶୀ। ପୁରୁଷ ମଧୁମେହ ରୋଗୀଙ୍କ କ୍ଷେତ୍ରରେ ହୃଦ୍‌ଘାତର ସମ୍ଭାବନା ଅଢ଼େଇଗୁଣ ଥିବାବେଳେ ମହିଳାଙ୍କ କ୍ଷେତ୍ରରେ ଏହା ପାଂଚଗୁଣ ହୋଇଥାଏ। ମଧୁମେହ ରୋଗୀଙ୍କ ମୃତ୍ୟୁର ମୁଖ୍ୟ କାରଣ ହୃଦ୍‌ଘାତ। ମଧୁମେହ ରୋଗ ହୃତ୍‌ପିଣ୍ଡରେ ଥିବା ବୃହତ୍ ଧମନୀ ତଥା କ୍ଷୁଦ୍ର ଧମନୀରେ ଜଟିଳତା ସୃଷ୍ଟି କରିଥାଏ, ବୃହତ୍ ଧମନୀରେ ଜଟିଳତା ଯୋଗୁଁ କରୋନାରୀ ଧମନୀଅଣଓସାରିଆ ହୋଇ ହୃଦ୍‌ଘାତ ଓ ମସ୍ତିଷ୍କଘାତ ହୋଇଥାଏ। ଏପଟେ କ୍ଷୁଦ୍ର ଧମନୀରେ ଜଟିଳତା ଯୋଗୁଁ ଡାଏବେଟିକ୍ ନେଫ୍ରୋପାଥି (ବୃକକ୍ ବା କିଡ୍‌ନୀରେ ଜଟିଳତା), ଡାଏବେଟିସକ୍ ରେଟିନୋପାଥି (ଆଖିରେ ଜଟିଳତା) ତଥା କାର୍ଡ଼ିଓମାୟୋପାଥି (ହୃତ୍‌ପିଣ୍ଡରେ ଜଟିଳତା) ହୋଇଥାଏ। ଏହିସବୁ କାରଣରୁ ହୃଦ୍‌ଘାତ, ଛାତିବ୍ୟଥା ଓ ହଠାତ୍ ମୃତ୍ୟୁ ସାଧାରଣ ବ୍ୟକ୍ତି ଅପେକ୍ଷା ମଧୁମେହ ରୋଗୀଙ୍କ ଠାରେ ଦୁଇଗୁଣା ବେଶି ଦେଖାଦେଇଥାଏ। ପୁଣି ପୁରୁଷଙ୍କ ଅପେକ୍ଷା ମହିଳାଙ୍କ କ୍ଷେତ୍ରରେ ଏହା ଅଧିକ ଦେଖିବାକୁ ମିଳିଥାଏ।

**ହରମୋନର ପ୍ରଭାବ:** ୧୫ରୁ ୪୫ ବର୍ଷ ମଧ୍ୟରେ ମହିଳାମାନଙ୍କ ଶରୀରରେ ଥିବା ଇଷ୍ଟ୍ରୋଜେନ୍ ଅନ୍ତଃସ୍ରାବୀ ରସ ହୃଦ୍‌ପିଣ୍ଡକୁ ରକ୍ଷା କରିଥାଏ। କିନ୍ତୁ ମାସିକ ରକ୍ତସ୍ରାବର ବିରତି ପରେ ଏହି ରସ କ୍ଷରଣ ବନ୍ଦ ହୋଇଯାଇଥାଏ। ଫଳରେ ବୟସ୍କ ମହିଳାଙ୍କୁ ହୃଦ୍‌ଘାତର ଶିକାର ହେବାକୁ ପଡ଼ିଥାଏ। ପାଶ୍ଚାତ୍ୟ ଦେଶମାନଙ୍କରେ ନିଜ ଯୌବନକୁ ଅତୁଟ ରଖିବା ପାଇଁ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରନ୍ ଔଷଧ ଖାଆନ୍ତି। ଏହାକୁ ହରମୋନ ରିପ୍ଲେସମେଂଟ ଥେରାପି କୁହାଯାଏ। ଏହି ଥେରାପି ହୃଦ୍‌ଘାତରୁ ରକ୍ଷା କରିଥାଏ। ତେଣୁ ଏହି ଥେରାପିର ସହାୟତା ନେବା ବଦଳରେ ସୋୟାବିନ୍ ଥିବା ଖାଦ୍ୟ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ଡାକ୍ତରମାନେ ପରାମର୍ଶ ଦେଉଛନ୍ତି।

**ପରୀକ୍ଷାର ଫଳାଫଳରେ ପାର୍ଥକ୍ୟ:** ମହିଳମାନଙ୍କର ହୃଦ୍‌ଘାତ ରୋକିବା ପାଇଁ ପ୍ରଥମ ପଦକ୍ଷେପ ହେଉଛି ରୋଗର ଚିହ୍ନଟ। ଇସିଜି ସହ କଲର ଇକୋକାର୍ଡ଼ିଓଗ୍ରାଫି ଓ ଷ୍ଟ୍ରେସ୍ ଇକୋକାର୍ଡ଼ିଓ ଗ୍ରାଫି ଦ୍ୱାରା ମହିଳାମାନଙ୍କ ହୃଦ୍‌ଘାତକୁ ଚିହ୍ନଟ କରାଯାଇଥାଏ।

**ଲକ୍ଷଣ:** ନ୍ୟାସନାଲ କୋଲେଷ୍ଟରୋଲ ଏଜୁକେଶନ ପ୍ରୋଗ୍ରାମ ଅନୁସାରେ ଯେଉଁ ମହିଳାମାନଙ୍କର ନିମ୍ନ ୫ଟି ଅସୁବିଧାରୁ ୩ଟି ସମସ୍ୟା ଥାଏ ସେମାନେ ମୁଖ୍ୟତଃ ହୃଦ୍‌ଘାତର ଶୀକାର ହୋଇଥାନ୍ତି। ଯେଉଁ ମହିଳାମାନଙ୍କର ଅଂଟାର ମାପ ୮୮ ସେମିରୁ ଅଧିକ ହୋଇଥାଏ। ଯେଉଁ ମହିଳାମାନଙ୍କ ରକ୍ତରେ ଚର୍ବି ବା କୋଲେଷ୍ଟରୋଲର ମାତ୍ରା ୧୫୦ ମି.ଗ୍ରାରୁ ଅଧିକ ୫୦ ମି.ଗ୍ରାମରୁ କମ୍ ଥାଏ। ଯାହାର ରକ୍ତଚାପ ୧୩୦-୩୫ରୁ ବେଶି ଥାଏ। ରକ୍ତରେ ଗ୍ଲୁକୋଜର ପରିମାଣ ୧୧୦ ମି.ଗ୍ରାରୁ ବେଶୀ ଥାଏ। ଆଳସ୍ୟ ବା ଅତିରିକ୍ତ ଓଜନ ମେଟାବୋଲିକ୍ ସିଣ୍ଡ୍ରୋମ୍‌ର ମୁଖ୍ୟକାରଣ।

**ଡାକ୍ତର କାନ୍ତୀ ନାୟକ, ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ, ଦୂରଭାଷ: ୯୪୩୭୬୬୬୪୫୩**

# ଜଳାତଙ୍କ



ଜଳାତଙ୍କ ରୋଗ ନିବାରଣ ପ୍ରତି ସଚେତନତା ସୃଷ୍ଟି ଏବଂ ଏହି ଭୟଙ୍କର ରୋଗକୁ ପରାସ୍ତ କରିବା ପାଇଁ ବିଭିନ୍ନ ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୮କୁ ବିଶ୍ୱ ଜଳାତଙ୍କ ଦିବସ ରୂପେ ସମଗ୍ର ବିଶ୍ୱରେ ପାଳନ କରାଯାଏ। ଜଳାତଙ୍କ ଏକ ଭୂତାଣୁଜନିତ ରୋଗ। ଲାଇସା ଭାଇରସ ନାମକ ଏହି ଭୂତାଣୁ ପଶୁର ଲାଳ ଦ୍ୱାରା ବାହାରକୁ ଆସିଥାଏ। ଯେତେବେଳେ ଏହା ବାହାରକୁ ଚାଲିଆସେ, ସେତେବେଳେ ଏହାକୁ ଷ୍ଟ୍ରିଟ୍ ଭାଇରସ କୁହାଯାଏ। ଏହି ରୋଗ ସାଧାରଣତଃ ପାଗଳା କୁକୁର କାମୁଡ଼ିବା ଦ୍ୱାରା ହୋଇଥାଏ। ବ୍ରାଜିଲ୍, ମେକ୍‌ସିକୋ ଓ ଭେନେଜୁଏଲା ଆଦି କେତେକ ଦେଶରେ ଏକପ୍ରକାର ବାଦୁଡ଼ି ଦେଖାଯାଆନ୍ତି। ସେମାନଙ୍କର ଲାଳରେ ଲାଇସା ଭାଇରସ ଥାଏ। ଏହି ବାଦୁଡ଼ି ଯଦି ଗାଈଗୋରୁ ଓ ଛେଳି ମେଣ୍ଢା ଇତ୍ୟାଦି ପଶୁଙ୍କୁ କାମୁଡ଼େ ତେବେ ଜଳାତଙ୍କ ରୋଗ ସେମାନଙ୍କଠାରେ ଦେଖାଯାଏ। କାମୁଡ଼ିବା ବ୍ୟତୀତ କୁକୁର ଚାଟିବା ଦ୍ୱାରା ଏହାର ଲାଳରେ ଥିବା ଏହି ଭୂତାଣୁ ଶରୀରର କ୍ଷତସ୍ଥାନ ଦେଇ ଶରୀର ମଧ୍ୟରେ ପ୍ରବେଶ କରିଥାଏ। ଯଦି କେହି ସଂକ୍ରମିତ ବାଦୁଡ଼ି ରହୁଥିବା ଗୁମ୍ଫା ମଧ୍ୟରେ ପ୍ରବେଶ କରନ୍ତି ତେବେ ସେମାନେ ମଧ୍ୟ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି। ପରୀକ୍ଷାଗାରରେ ମଧ୍ୟ ପରୀକ୍ଷା କରିବା ସମୟରେ ଶ୍ୱାସକ୍ରିୟା ସମ୍ପାଦନା କରିବା ଦ୍ୱାରା ଏହି ଜୀବାଣୁ ଶରୀର ମଧ୍ୟରେ ପ୍ରବେଶ କରିବାର ସମ୍ଭାବନା ଥାଏ। ଭୂତାଣୁ ଶରୀରରେ ପ୍ରବେଶ କରିବା ପରେ ରୋଗୀର ମୁଣ୍ଡ ବିନ୍ଧେ ଓ ସାମାନ୍ୟ ସାମାନ୍ୟ କାରଣରୁ ରାଗିଯାଏ। ଶୋଷ ଲାଗୁଥିଲେ ମଧ୍ୟ ରୋଗୀଟି ପାଣି ଦେଖିଲେ ଡରେ। ସେଥିପାଇଁ ଏହି ରୋଗକୁ ଜଳାତଙ୍କ କୁହାଯାଏ। ଲୁଇସ ପାଶ୍ଚର ଜଳାତଙ୍କ ରୋଗର ଟୀକା ପ୍ରଥମେ ଉଦ୍ଭାବନ କରିଥିଲେ। ୧୮୮୫ ଜୁଲାଇ ୬ ତାରିଖରେ ଜୋସେଫ ମିଷ୍ଟରଙ୍କୁ ସେ ପ୍ରଥମେ ଏହି ଟୀକା ଦେଇଥିଲେ। ଏହା ନେବା ଫଳରେ ରୋଗୀଟି ଜଳାତଙ୍କରୁ ରକ୍ଷାପାଇଲା। ଏହାପରେ ସେ ପ୍ରାୟ ୩୫୦ ଜଣ ରୋଗୀଙ୍କ ଦେହରେ ଏହି ଟୀକା ପ୍ରୟୋଗକରି ସଫଳ ହେଲେ। ବର୍ତ୍ତମାନ ବହୁ ଟୀକା ସହଜ ଓ ଶସ୍ତାରେ ମିଳୁଛି। ଏହି ଟୀକା ମଧ୍ୟରେ ହ୍ୟୁମେନ୍ ଡିପ୍ଲଏଡ଼ ସେଲ କଲଚର ଭେକସିନ, ପ୍ୟୁରିଫାଏଡ଼୍ ଚିକ ଏମ୍ବ୍ରିଓ ସେଲ ଭେକ୍‌ସିନ, ପ୍ୟୁରିଫାଏଡ଼ ଭିରୋସେଲ ରେବିସ୍ ଭେକ୍‌ସିନ ଓ ପ୍ୟୁରିଫାଏଡ଼୍ ଡକ୍ ଏମ୍ବ୍ରିଓ ରେବିସ୍ ଭେକ୍‌ସିନ ଅନ୍ତର୍ଭୁକ୍ତ। ଡାକ୍ତରୀ ଚିକିତ୍ସା ପୂର୍ବରୁ କେତେକ ପ୍ରାଥମିକ ପଦକ୍ଷେପ ଗ୍ରହଣ କଲେ ଭୂତାଣୁ ସ୍ନାୟୁ ମଧ୍ୟରେ ପ୍ରବେଶ କରିବା ସମ୍ଭବ ହୁଏନାହିଁ। ପାଗଳା ପଶୁ କାମୁଡ଼ିବା ବା ଆଂଚୁଡ଼ିବା ପରେ ସେହି ସ୍ଥାନକୁ ଭଲଭାବରେ ଧୋଇଦେବା ଦରକାର। ଏଥିରେ ଡେଟଲ, ସାଭଲନ କିମ୍ବା ଆୟୋଡ଼ିନ୍ ଇତ୍ୟାଦି ବ୍ୟବହାର କରାଯାଇପାରେ। ଟିଟାନସ୍ ନେବା ନିହାତି ଜରୁରୀ। ଘା' ଶୁଖିବା ପାଇଁ ଓ ଜୀବାଣୁ ନାଶ ପାଇଁ ଆଂଟିବାୟୋଟିକ ବ୍ୟବହାର କରିବା ଆବଶ୍ୟକ। ଜଳାତଙ୍କଜନିତ ମୃତ୍ୟୁକୁ ରୋକିବା ପାଇଁ ନିରାପଦ ଓ ପ୍ରଭାବଶାଳୀ ପଶୁ, ମାନବ ଟିକା ଆଜି ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର ରୂପେ ଉଭା ହୋଇଛି। ଏଥିସହ ଏ ସମ୍ପର୍କିତ ସଚେତନତା ଅଭିଯାନ ମଧ୍ୟ ମୁଖ୍ୟ ଭୂମିକା ନିର୍ବାହ କରୁଛି। ମାନବ ସମୁଦାୟକୁ ଜଳାତଙ୍କରୁ ମୁକ୍ତ କରିବାରେ ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ରହିଛି। ୨୦୩୦ ସୁଦ୍ଧା ଜଳାତଙ୍କଜନିତ ମାନବ ମୃତ୍ୟୁକୁ ସମ୍ପୂର୍ଣ୍ଣ ରୋକିବା ଦିଗରେ ବିଶ୍ୱରେ ଲକ୍ଷ୍ୟକୁ ମଧ୍ୟ ଏହା ଦର୍ଶାଏ।

**ଡାକ୍ତର ବିଷ୍ଣୁ ପ୍ରସାଦ ମହାପାତ୍ର, ସହକାରୀ ପ୍ରଫେସର, ଆନାସ୍ଥେସିଆ ଆଣ୍ଡ କ୍ରିଟିକାଲ କେୟାର, (ଇନ୍‌ଚାର୍ଜ- ସେଂଟ୍ରାଲ ଆଇସିୟୁ), ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୮୨୮୦୧୨୭୯୧୦, ଇମେଲ୍ : drbishnuprasad1234@gmail.com**

# ପିଲାଙ୍କୁ ବି ହୋଇପାରେ ହୃଦ୍‌ରୋଗ !



ଶିଶୁଙ୍କଠାରେ ଦୁଇ ପ୍ରକାରର ହୃଦ୍‌ରୋଗ ଦେଖାଦେଇଥାଏ। ଗୋଟିଏ ହେଉଛି ଜନ୍ମଜାତ ହୃଦ୍‌ରୋଗ। ଏହାକୁ ଭଲ କରିବା କଷ୍ଟସାଧ। ତଥାପି ଉନ୍ନତ ଚିକିତ୍ସା ଦ୍ୱାରା କିଛି ମାତ୍ରାରେ ସୁସ୍ଥତା ଆସିହେବ। ଦ୍ୱିତୀୟଟି ହେଉଛି ବାତରୋଗ ଗ୍ରସ୍ତ ହୃଦ୍‌ରୋଗ। ଏହି ରୋଗ ହେଲେ ଶରୀରରେ ଗଣ୍ଠି ସମସ୍ୟା ଉପୁଜିବା ସହ ହୃଦୟକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦିଏ। ଏହି ରୋଗ ଅତ୍ୟନ୍ତ ଭୟାନକ। ଏହାର ଶିକାର ହୋଇଥିଲେ ଶିଶୁ ସର୍ବଦା ଜ୍ୱରରେ ପୀଡ଼ିତ ହୋଇଥାଏ। ଏହା ଶିଶୁଙ୍କ ସାଧାରଣ ଜୀବନଶୈଳୀକୁ ମଧ୍ୟ ଯଥେଷ୍ଟ ପ୍ରଭାବିତ କରିଥାଏ। ଦୁଇରୁ ତିନି ବର୍ଷର ପିଲାଙ୍କ ମଧ୍ୟରେ ସ୍ତନ୍ୟପାନ ସମୟରେ ଚିଡ଼ିଚିଡ଼ାପଣ ହେଉଛି ଏହି ସମସ୍ୟାର ପ୍ରଥମ କାରଣ। ତେବେ ଓଜନ ବୃଦ୍ଧି, ଚିଡ଼ିଚିଡ଼ାପଣ ଓ ଦୁର୍ବଳତା ଲକ୍ଷ୍ୟ କଲେ ପ୍ରଥମରୁ ହିଁ ଶିଶୁଙ୍କ ଚିକିତ୍ସା ଆରମ୍ଭ କରିଦିଅନ୍ତୁ। ଶିଶୁଙ୍କ ହୃଦ୍‌ରୋଗ ଚିହ୍ନଟ କରିବାକୁ ଦୁଇପ୍ରକାର ପଦ୍ଧତି ବ୍ୟବହାର କରାଯାଏ। ଛାତି ଏକ୍ସରେ ଓ ଇସିଜି।



ପିଲାମାନଙ୍କ ହୃଦ୍‌ଘାତକୁ ଅନେକ ବାପମାଆ ବାତ ବା ଅନ୍ୟ କିଛି ରୋଗ ବୋଲି ଭାବନ୍ତି। ହୃତ୍‌ପିଣ୍ଡରେ ଏଲ୍‌ଏଡ଼ି, ଏଲ୍‌ସିଏକ୍ସ ଓ ଆରସିଏ ନାମକ ତିନୋଟି ଧମନୀ ରହିଛି। ତିନୋଟିରୁ ଯେକୌଣସିଟିରେ ରକ୍ତ ସଂଚାଳନ ବନ୍ଦ ହୋଇଗଲେ, ହୃଦ୍‌ଘାତ ଆଶଙ୍କା ବଢ଼ିଯାଏ। ପିଲାମାନଙ୍କ ହୃଦ୍‌ଘାତର ଗୋଟିଏ କାରଣ ହେଉଛି ଉଚ୍ଚ କୋଲେଷ୍ଟେରଲ୍। ଶରୀରରେ ଅତ୍ୟଧିକ କୋଲେଷ୍ଟେରଲ ରହିଲେ ପିଲାଟିର ସ୍ୱାସ୍ଥ୍ୟକୁ କ୍ଷତିକାରକ କରିଥାଏ। ଧମନୀରେ ରକ୍ତ ଜମାଟ ବାନ୍ଧି ଦେଇଥିବାରୁ ପିଲାଟିର ହୃତପିଣ୍ଡକୁ ରକ୍ତ ସଂଚାଳନ କରିବାରେ ବାଧା ସୃଷ୍ଟି କରେ। ଅନ୍ୟ ଗୋଟିଏ କାରଣ ହେଉଛି ମେଦବହୁଳତା। ଆଜିକାଲି ଅଭିଭାବକମାନେ ପିଲାଙ୍କୁ ଆକସ୍ମିକ ଭାବରେ ମୋଟାସୋଟା କରିବାକୁ ଭାବି ଗୁଡ଼ାଏ ବାହାରର ଜଙ୍କଫୁଡ ବା ଫାଷ୍ଟଫୁଡ ଖୁଆନ୍ତି। ଆଉ ଗୋଟିଏ ଦିଗକୁ ପ୍ରାୟ ଅଣଦେଖା କରାଯାଇଥାଏ ତାହା ହେଉଛି ଆଜିକାଲି ମାଆ ମାନେ କେତେକ କ୍ଷେତ୍ରରେ ନବଜାତ ଶିଶୁକୁ ସ୍ତନ୍ୟପାନ ନକରାଇ ବରଂ ବଜାରର ଡବା ଖାଦ୍ୟକୁ ପିଲାଟିକୁ ଦିଅନ୍ତି। ପ୍ରଥମତଃ ପିଲାଟି ମା'କ୍ଷୀରରେ ଥିବା ଶରୀର ପାଇଁ ଆବଶ୍ୟକ ଭିଟାମିନ ପାଇପାରିଲା ନାହିଁ। ସେହିପରି ବଜାରରୁ କିଣାଯାଉଥିବା ଡବା ଖାଦ୍ୟରେ ଅତ୍ୟଧିକ ଫ୍ୟାଟ ଅଂଶ ପିଲାର ମେଦବୃଦ୍ଧି କରିଥାଏ। ପରବର୍ତ୍ତୀ ସମୟରେ ସେ ଯୁବକ ଅବସ୍ଥାରେ ପହଂଚିବା ସମୟରେ ତା'ଦେହରେ କୋଲେଷ୍ଟେରଲ୍ ବଢ଼ିଯାଇଥାଏ ଯାହାକି ପିଲାମାନଙ୍କ ହୃଦ୍‌ଘାତ କ୍ଷେତ୍ରରେ ଏକ ବଡ଼ କାରଣ। ପିଲାଟି ହୃଦ୍‌ଘାତର ଶିକାର ହେବାର କିଛି ଲକ୍ଷଣ ବି ରହିଥାଏ। ଯେପରି ଛାତିରେ ଯନ୍ତ୍ରଣା ଅନୁଭବ କରେ, ବିଶେଷକରି ଛାତି ମଝି ଓ ବାମପଟେ ଯନ୍ତ୍ରଣା ହୁଏ। ଯନ୍ତ୍ରଣା ସମୟରେ କିଏ ଜଣେ ଛୁଂଚି ଫୋଡ଼ିଦେଲା ପରି ଅନୁଭବ ହୋଇଥାଏ। ପିଲାମାନଙ୍କ ଶରୀରରେ ପ୍ରଚୁର ମାତ୍ରାରେ ଝାଳ ବାହାରିଥାଏ। ଛାତିରେ ଯନ୍ତ୍ରଣା ହେଉଥିବା ସମୟରେ ଏକ ହରମୋନ ନିର୍ଗତ ହୋଇଥାଏ ଯାହାଦ୍ୱାରା ସେ ରକ୍ତଚାପକୁ ବଢ଼ାଇ ଦେଇଥାଏ। ହୃଦ୍‌ସ୍ପନ୍ଦନ ବୃଦ୍ଧି ପାଇବା ଏବଂ ଏହି କାରଣରୁ ହିଁ ପ୍ରଚୁର ମାତ୍ରାରେ ଝାଳ ବାହାରିଥାଏ। ପିଲାଟିର ହୃତ୍‌ପିଣ୍ଡର ସୁସ୍ଥତା ପାଇଁ ଆପଣ ନିଜକୁ ପ୍ରସ୍ତୁତ କରନ୍ତୁ। ପିଲାଟିକୁ ସବୁଜ ପନିପରିବା, ଫଳ ଆଦି ଦିଅନ୍ତୁ। କମ୍ କ୍ୟାଲୋରୀ ଓ ତନ୍ତୁଜାତୀୟ ଖାଦ୍ୟ ଦେବା ସହ ପିଲାଟି ଯେପରି ପ୍ରଚୁର ପାଣି ପିଏ ସେ ଦିଗକୁ ଦେଖନ୍ତୁ। ପ୍ରାୟତଃ ପିଲାମାନେ ଟକଳା ସ୍ୱଭାବର ହେଉଥିବାରୁ ନିଜ ଖାଦ୍ୟ ଲାଳସାକୁ ନିୟନ୍ତ୍ରଣ ନ କରି ସେମାନଙ୍କ ବାପମାଆ ବହୁତ ଚର୍ବି ଓ ମିଠା ଜାତୀୟ ଖାଦ୍ୟ ଦେଇଥାନ୍ତି। ପିଲାଟିର ଓଜନ ନିୟମିତ ଅନ୍ତରରେ ପରୀକ୍ଷା କରାଇ ନିଅନ୍ତୁ। କାରଣ ଅତ୍ୟଧିକ ଓଜନ ଯୋଗୁଁ ହିଁ ଉଚ୍ଚରକ୍ତଚାପ ଓ ଡାଇବେଟିସ୍ ପରି ଅନ୍ୟାନ୍ୟ ରୋଗ ଦେଖାଯାଏ। ତେଣୁ କମ୍ କ୍ୟାଲୋରୀଯୁକ୍ତ ଖାଦ୍ୟ ଦିଅନ୍ତୁ। ପିଲାଟି ଯେପରି ଗାଢ଼ ନିଦ୍ରାରେ ଶୋଇବ ସେ ଦିଗକୁ ଦେଖିବା ସହ ତାକୁ ନିୟମିତ ଯୋଗ ଓ ଧ୍ୟାନ ଶିଖାନ୍ତୁ। ଏ କ୍ଷେତ୍ରରେ ପିଲାମାନଙ୍କ ପାଇଁ ଏରୋବିକ୍ ବ୍ୟାୟାମ ଶିଖାଇବା ସହ ସନ୍ତରଣ ଓ ଦୌଡ଼ିବା ପରି ବ୍ୟାୟାମ ଶିଖାନ୍ତୁ। ସାଇକେଲ ଚଳାଇବା ଏକ ଖୁବ ଭଲ ଅଭ୍ୟାସ ପିଲାମାନଙ୍କ ପାଇଁ। ପିଲାଟିର ହୃଦ୍‌ଘାତ ହେବାର ଲକ୍ଷଣ ଦେଖାଯିବା ମାତ୍ରେ ସର୍ବପ୍ରଥମେ ଶିଶୁରୋଗ ବିଶେଷଜ୍ଞ ବା ଶିଶୁ ହୃଦ୍‌ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ପିଲାଟିକୁ ତୁରନ୍ତ ସିଧା ଶୁଆଇଦେବା ସହ ତା'ଦେହରୁ ପୋଷାକପତ୍ର କାଢ଼ି ଦିଅନ୍ତୁ। ତାକୁ ଖୋଲା ସ୍ଥାନରେ ଶୁଆଇ ଦେବା ସହ ଜୋରରେ ଶ୍ୱାସ ନେବାକୁ କୁହନ୍ତୁ। ଶିଶୁଙ୍କ ହୃଦ୍‌ରୋଗ ସମସ୍ୟା ପାଇଁ ଅନେକ ସମୟରେ ଔଷଧ ଦ୍ୱାରା ପରିସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରାଯାଇଥାଏ। କେତେକ କ୍ଷେତ୍ରରେ ମାତ୍ର କିଛି ବର୍ଷ ପାଇଁ ଔଷଧ ସେବନ କରିବାକୁ ନିର୍ଦ୍ଦେଶ ଦିଆଯାଉଥିବାବେଳେ କିଛି ଶିଶୁଙ୍କ ସାରା ଜୀବନ ଔଷଧ ଖାଇବାକୁ ପଡ଼ିଥାଏ। କେତେକ କ୍ଷେତ୍ରରେ ଅସ୍ତ୍ରୋପଚାର କଥା ଶେଷ ବିକଳ୍ପ ଭାବରେ ଚିନ୍ତା କରାଯାଏ। ସାରା ଜୀବନ ସୁସ୍ଥ ରହିବାର ଏକ ଉତମ ଉପାୟ। ଅନେକ କ୍ଷେତ୍ରରେ ଔଷଧ କାମ ନ ଦେଲେ ହୃତ୍‌ପିଣ୍ଡ ପ୍ରତିରୋପଣ ଜରିଆରେ ରୋଗରୁ ମୁକ୍ତି ମିଳିଥାଏ। ଶିଶୁକୁ ଉତମ ସ୍ୱାସ୍ଥ୍ୟ ଓ ଉଚିତ୍ ଓଜନ ପାଇବାରେ ସାହାଯ୍ୟ କରନ୍ତୁ। ଲୁଣ ପରିମାଣକୁ କମାନ୍ତୁ। ଶିଶୁର ଶାରୀରିକ କାର୍ଯ୍ୟକଳାପକୁ ଉତ୍ସାହିତ କରନ୍ତୁ। ହୃଦ୍‌ଘାତକୁ ନେଇ ପିଲାଟି ନିମିତ ଭୟଭୀତ ହୁଅନ୍ତୁ ନାହିଁ ସରକାର ବଡ଼ଡାକ୍ତରଖାନା ସହ ଶିଶୁଭବନରେ ଅନେକ ସୁବିଧା ସୁଯୋଗ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇଛନ୍ତି ଏହାର ସୁଯୋଗ ନିଅନ୍ତୁ। ହଁ, ଆଉଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ହୃଦ୍‌ଘାତ ପରି ଏକ ସମ୍ବେଦନଶୀଳ ଓ ଜଟିଳ ରୋଗ କ୍ଷେତ୍ରରେ ପିଲାଟିକୁ ଚିକିତ୍ସକଙ୍କୁ ନ ଦେଖାଇ କାହା କଥାରେ ପଡ଼ି ଝଡ଼ାଫୁଙ୍କା, କାନକୁହା କଥା ଶୁଣି ଚେଙ୍କ ଦେବା ବା କୌଣସି ଲୋକର ଅନ୍ଧବିଶ୍ୱାସର ଶିକାର ହୁଅନ୍ତୁ ନାହିଁ।

**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ, ସହଯୋଗୀ ପ୍ରଫେସର, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪**

# ଜୈବିକ କୃଷି ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଘଲଟି (ପିଏନ୍)– ସଭ୍ୟତାର ମାନଦଣ୍ଡ ଆଉ ଅର୍ଥନୀତିର ମେରୁଦଣ୍ଡ ହେଉଛି କୃଷି। ଗାଁ ଭିତରେ ସକାଳ ପାହିଲେ ଚାଷ ଜମିକୁ ଯିବାର ମଜା ସତରେ ନିଆରା। କୃଷି ଓଡ଼ିଆ ସଂସ୍କୃତି ଓ ସଭ୍ୟତାର ମୌଳିକ ଉପାଦାନ। ଭାରତର ୭୦ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। ଜୀବନ ଜୀବିକାର ଏକ ମାଧ୍ୟମ କୃଷି। ସେଇପାଇଁ ପରା ଓଡ଼ିଶାର କୃଷି ମହାନ୍। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଅଟଳ ଯୋଜନା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ରାସାୟନିକ ସାରର ପ୍ରଭାବରେ ଏବେ ଜମିରେ ନାନାଦି କ୍ଷତିକାରକ ପ୍ରଭାବ ଦେଖିବାକୁ ମିଳୁଛି। ରୋଗପୋକଙ୍କ ସଂଖ୍ୟା ବଢ଼ିବା ସହ ଏହା ମଣିଷର ସ୍ୱାସ୍ଥ୍ୟ ପକ୍ଷେ ବିଭିନ୍ନ କୁପ୍ରଭାବ ଆଣୁଛି। ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ କୃଷିକୁ ଚାଷୀ ମାନେ ଏବେ ଗୁରୁତ୍ୱ ଦେଉଛନ୍ତି। ପାରଳାଖେମୁଣ୍ଡି ସ୍ଥିତ ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟର ଚତୁର୍ଥ ବର୍ଷର ଛାତ୍ର – ପ୍ରଣବ ପାତ୍ର ଓ ଆଶିଷା ସିଅଳ ପ୍ରମୁଖ କୃଷି ଭିତିକ ଗ୍ରାମାଂଚଳ ଅଭିଜ୍ଞତା କାର୍ଯ୍ୟକ୍ରମରେ ଗଂଜାମର ବାଘଲଟି ଠାରେ ଲୋକମାନଙ୍କୁ ଜିଆଖତ ଓ ଆଜୋଲାର ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ବର୍ତ୍ତମାନ ସାରା ଭାରତରେ ଜୈବିକ କୃଷିକୁ ବେଶୀ ଗୁରୁତ୍ୱ ଦିଆଯାଉଥିବା ସମୟରେ ଜିଆଖତ ଓ ଆଜୋଲା ଜୈବିକ କୃଷିର ଅମୋଘ ଅସ୍ତ୍ର ଭାବେ ଉଭା ହୋଇଛି। କମ୍ ଟଙ୍କା ଓ ସ୍ୱଳ୍ପ ସମୟ ଭିତରେ ରାସାୟନିକ ସାରକୁ ପରିତ୍ୟାଗ କରି କିପରି ଆମେ ଜିଆଖତ ଓ ଆଜୋଲା ପ୍ରସ୍ତୁତ କରି ଜମିରେ ବ୍ୟବହାର କରିପାରିବା , ସେ ବିଷୟରେ ଛାତ୍ର ମାନେ ବୁଝାଇଥିଲେ। ୩ମାସର ବ୍ୟବଧାନରେ ଜିଆଖତ ଆମେ ପ୍ରସ୍ତୁତ କରି ଜମିରେ ବ୍ୟବହାର କରି ରୋଗପୋକ ଦାଉରୁ ରକ୍ଷା ପାଇବା ସହ ଅମଳ ପରିମାଣ ବଢ଼େଇପାରିବା ବୋଲି ଛାତ୍ରମାନେ ପ୍ରକାଶ କରିଥିଲେ। ଏହାଛଡ଼ା ଜିଆଖତ ଓ ଆଜୋଲା କିପରି ଜମିର ପୋଷକ ତତ୍ତ୍ୱକୁ ବୃଦ୍ଧି କରିବା ସହ ଏହାର ପ୍ରକୃତ ଉପକାରିତା ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଆଜୋଲାକୁ ଧାନ ଫସଲରେ ପ୍ରୟୋଗ କରିବାର ଲାଭ ସହ ଏହାକୁ କିପରି ଗୋଖାଦ୍ୟ ଭାବେ ବ୍ୟବହାର କରାଯାଇପାରିବ, ସେ ବିଷୟରେ ଛାତ୍ରୀମାନେ କହିଥିଲେ। ଚାଷୀମାନଙ୍କ ସହ ଏ ବିଷୟରେ ଆଲୋଚନା କରିବା ପାଇଁ କଳାକାହ୍ନୁ ଟ୍ରଷ୍ଟର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ବେଆଇନ ଔଷଧ ଦୋକାନରେ ଡ୍ରଗ ଷ୍ଟାର୍ଡର ଚଢଉ

ବାଲେଶ୍ୱର (ପିଏନ୍): ବାଲିଆପାଳ ଥାନା ଦେଉଳା ପଂଚାୟତ ସମ୍ମୁଖରେ ଦୀର୍ଘଦିନ ଧରି ବେଆଇନ ଭାବେ ଚାଲିଥିବା ଏକ ଔଷଧ ଦୋକାନ ଉପରେ ଡ୍ରଗ୍ ଷ୍ଟାର୍ଡ ଚଢାଉ କରି ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଔଷଧ ଜବତ କରି ନେଇଯାଇଛନ୍ତି । ସୂଚନା ଅନୁସାରେ ଦେଉଳା ପଂଚାୟତ ଅଫିସ୍ ସମ୍ମୁଖରେ ଥିବା ଏକ ଭଡା ଦୋକାନରେ ନିଖିରା ଗ୍ରାମର ନରେନ୍ଦ୍ର ଭୂୟାଁ ଏକ କ୍ଲିନିକ ଖୋଲି କ୍ୱାକ୍ ଭାବେ ରୋଗୀ ସେବା କରିବା ସହିତ ସେଠାରେ ବିଭିନ୍ନ ପ୍ରକାର ଔଷଧ ରଖି ବିକ୍ରି କରିଆସୁଥିଲେ । ଖବର ପାଇ ବାଲେଶ୍ୱର ଡ୍ରଗ ଷ୍ଟାର୍ଡ ଅଫିସର ଜ୍ଞାନଦା ଶୁଭଦର୍ଶନୀ ନନ୍ଦ, ରତିକାନ୍ତ ବେହେରା, ମହିଳା କନେଷ୍ଟବଳ କୁମୁଦିନୀ ସିଂଙ୍କ ସହ ଏକ ଟିମ୍ ଏହି ଦୋକାନରେ ଚଢାଉ କରିଥିଲେ । ଦୋକାନର ସମସ୍ତ କାଗଜପତ୍ର ଯାଂଚ କରିବା ପରେ ଔଷଧ ବିକ୍ରି ପାଇଁ ନରେନ୍ଦ୍ରଙ୍କ ପାଖରେ କୌଣସି କାଗଜପତ୍ର ନଥିବା ଜାଣିବାକୁ ପାଇଥିଲେ । ପରେ ଏହି ଟିମ୍ ଦୋକାନରେ ମହଜୁଦ୍ ଥିବା ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଔଷଧକୁ ସିଲ୍ କରି ସାଥିଲେ ନେଇଯାଇଛନ୍ତି । ଏଥିନେଇ ନରେନ୍ଦ୍ରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଷ୍ଟାର୍ଡ ପକ୍ଷରୁ କୁହାଯାଇଛି ।


DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
A complete Chemistry point for funding fundamentals.
Contact for Coaching in +2 Science, CBSE, OJEE (E&M), AIPMT & AIEEE

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication






# ଭାରତ ସ୍ୱାଧୀନତାର ଆଦି ପ୍ରବକ୍ତା ମହାତ୍ମା ବ୍ରାର୍ଡ୍‌ଲାଫଙ୍କ ଜୟନ୍ତୀ "ଆମୋଫୋଇ" ପକ୍ଷରୁ ପାଳିତ




ଭୁବନେଶ୍ୱର (ପିଏନ୍): ଜାତି-ଜାତକ-ଯୌତୁକଶୂନ୍ୟ ପ୍ରେମବିବାହକାରୀ ସଂସ୍କାରବାଦୀ ସଂସ୍ଥା "ଆମୋଫୋଇ" ପକ୍ଷରୁ ଗୁରୁବାର ମଧ୍ୟାହ୍ନରେ ସ୍ଥାନୀୟ ରେଡ୍‌କ୍ରସ୍ ଭବନର ସଭାଗୃହରେ ବିଶିଷ୍ଟ ନିରୀଶ୍ୱରବାଦୀ ନେତା, ଅଦ୍ୱିତୀୟ ମୁକ୍ତଚିନ୍ତକ ଚାର୍ଲସ୍ ବ୍ରାର୍ଡ୍‌ଲାଫଙ୍କ ୧୮୬ତମ ଜନ୍ମବାର୍ଷିକୀ ପାଳିତ ହୋଇ ଯାଇଛି । ଏହି ସଭାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ତଥା ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆର ସଭାପତି ଡ୍.ବିଜୟାନନ୍ଦ କର ଅଧ୍ୟକ୍ଷତା କରିଥିଲେ । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶା ଏଚ୍‌ଆରଓ (ହ୍ୟୁମାନିଷ୍ଟ୍ ରେସ୍‌ନାଲିଷ୍ଟ୍ ଅରଗାନାଇଜେସନ୍)ର ସଭାପତି ପ୍ରଫେସର ଧନେଶ୍ୱର ସାହୁ । ଏଥିରେ ମୁଖ୍ୟ ବକ୍ତାରୂପେ ଯୋଗଦେଇଥିଲେ ଓଡ଼ିଶା ଦଳିତ ଅଧିକାର ମଂଚର ସଭାପତି ସ୍ତମ୍ଭକାର ମି.ମାନସ ଜେନା । ସ୍ୱାଗତ ଭାଷଣ ଦେବାକୁ ଯାଇ "ଆମୋଫୋଇ" ସଂସ୍ଥାର ପ୍ରତିଷ୍ଠାତା ସଂପାଦକ ବି.ରାମଚନ୍ଦ୍ର ସିଏସ୍‌ଟି ଭୋଲଟେୟାର କହିଥିଲେ ଯେ ମୁକ୍ତଚିନ୍ତନ ଉପରେ ଯଥାର୍ଥ ଆଲୋଚନା ଚାର୍ଲସ୍ ବ୍ରାର୍ଡ୍‌ଲାଫଙ୍କୁ ବାଦ ଦେଇ କରାଯାଇ ନପାରେ । କାରଣ ଚାର୍ଲସ୍ ବ୍ରାର୍ଡ୍‌ଲାଫଙ୍କ ପାଖରେ ଯେଉଁ ଅନନ୍ୟ ନିର୍ଭୀକତା ଓ ଅସାଧାରଣ ସ୍ପଷ୍ଟବାଦୀତା ଥିଲା ତାହା ହିଁ ତାଙ୍କୁ ବେଶ୍ ଉଚ୍ଚ ସ୍ତରକୁ ନେଇଯାଇଥିଲା । ୧୬-୧୭ ବର୍ଷ ବୟସରୁ ସେ ନିଜ ପ୍ରତିଭାର ପରିଚୟ ଦେଇଥିଲେ । ସେ ଜାଣିପାରିଥିଲେ ଯେ ବାଇବେଲ୍ ଓ ଆର୍ଟିକିଲ୍ସ ଅଫ୍ ଫେଥ୍ ରେ ଯାହା ସବୁ ଲେଖାଯାଇଛି ତାହା ଅମୂଳକ ଓ ଅବାନ୍ତର । ସେ ଯୀଶୁଙ୍କୁ ସମ୍ମାନ ଦେଉନଥିଲେ । ତାଙ୍କର ଏପରି ଆଚରଣ ହେତୁ ତାଙ୍କର ବାପା ମା' ତାଙ୍କୁ ଘରୁ ବିଦାକରି ଦେଇଥିଲେ । ତଥାପି ସେ ଭାଙ୍ଗି ପଡ଼ିବା ପରିବର୍ତ୍ତେ ନିଜର ଦୃଢ଼ତା ଓ ସଂକଳ୍ପବୋଧତାକୁ ନେଇ ଆଗକୁ ମାଡ଼ି ଚାଲିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସେ ନର୍ଥାମଟନ୍ ନିର୍ବାଚନ ମଣ୍ଡଳୀରୁ ବ୍ରିଟିଶ୍ ହାଉସ୍ ଅଫ୍ କମନସ୍‌କୁ ୧୮୮୦-୧୮୯୧ ଯାଏ ବାରମ୍ବାର ନିର୍ବାଚିତ ହୋଇଥିଲେ । ସେ ଈଶ୍ୱରଙ୍କ ନାମରେ ଶପଥ ନେବା ପାଇଁ ମନାକରିଥିଲେ । ସେଥିପାଇଁ "ଆଇ ଡୁ ସୋଲେମଲି ଆଫାରମ୍" ବିକଳ୍ପ ରାସ୍ତା ଏହି ଏକ ଜିଦିଆ ହେତୁବାଦୀଙ୍କ ହେତୁ ସାରା ବିଶ୍ୱକୁ ଆସିପାରିଛି । ଭାରତ ସମ୍ବିଧାନରେ ମଧ ଏହା ସ୍ଥାନିତ ହୋଇଛି ।

ଚାର୍ଲସ୍ ବ୍ରାର୍ଡ୍‌ଲାଫ୍ ରାଜତନ୍ତ୍ର ଓ ସାମ୍ରାଜ୍ୟବାଦର ଘୋର ବିରୋଧି ଥିଲେ । ତେଣୁ ସେ ଭାରତର ସ୍ୱାଧୀନତା ପାଇଁ ଅଡ଼ି ବସିଥିଲେ । ଏଥିପାଇଁ ତାଙ୍କୁ ବ୍ରିଟ୍‌ଶ ହାଉସ୍ ଅଫ୍ କମନସ୍‌ରେ "ଭାରତର ପ୍ରତିନିଧି" ବୋଲି ଭାରତୀୟ ଜାତୀୟ କଂଗ୍ରେସର ୨ ତୁଙ୍ଗନେତା: ଉମେଶ ଚନ୍ଦ୍ର ବାନାର୍ଜି ଓ ଦାଦାଭାଇ ନାରୋଜି ଘୋଷଣା କରିଥିଲେ । ମୁଖ୍ୟ ଅତିଥି ପ୍ରଫେସର ସାହୁ ଚାର୍ଲସ୍ ବ୍ରାର୍ଡ୍‌ଲାଫଙ୍କ ହେତୁବାଦୀ ଦୃଷ୍ଟିଭଂଗୀ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ବ୍ରାର୍ଡ୍‌ଲାଫ ଯଥାର୍ଥରେ ଥିଲେ ଜଣେ ସଚ୍ଚୋଟ ସାଲିସ୍‌ବିହୀନ ନିଷ୍କଳଙ୍କ ଫ୍ରିଥିଙ୍କର । ସେଥିପାଇଁ ବ୍ରାର୍ଡ୍‌ଲାଫ କହିପାରିଥିଲେ ଯେ "ନିରୀଶ୍ୱରବାଦ ଓ ମୁକ୍ତଚିନ୍ତନ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ସଦୃଶ" । ମୁଖ୍ୟବକ୍ତା ମାନସ ଜେନା ଜାତିପ୍ରଥା ଓ ଭେଦଭାବର ବିଲୋପ ପାଇଁ ଇଂରାଜୀ ମାଧ୍ୟମ ଶିକ୍ଷା, ପୂଜାବିହୀନ ଜୀବନଧାରା, ପ୍ରେମବିବାହ ଉପରେ ଗୁରୁତ୍ୱଆରୋପ କରିଥିଲେ । ନିର୍ବାଚନ ପଦ୍ଧତି ଜର୍ମାନୀ ଢ଼ାଞ୍ଚାରେ କରାଗଲେ ଭାରତରେ ମୁକ୍ତ ଚିନ୍ତକଙ୍କ ସଂଖ୍ୟା ଆଶାତିତ ଭାବେ ବଢ଼ିପାରିବ ଏବଂ ସେମାନେ ଆସେମ୍ବ୍ଲି ଓ ପାର୍ଲିଆମେଣ୍ଟରେ ପହଂଚି ସେମାନଙ୍କ ନେତୃତ୍ୱର ପରାକାଷ୍ଠା ନିଶ୍ଚୟ ଦେଖାଇ ପାରିବେ ବୋଲି ଶ୍ରୀ ଜେନା କହିଥିଲେ ।

ଉତ୍ସବରେ ଧାର୍ଯ୍ୟ ଟପିକ୍ : "ପୁରୋହିତବିହୀନ୍ ପ୍ରେମବିବାହ, ପ୍ରାର୍ଥନାବିହୀନ ଇଂରାଜୀ ମାଧ୍ୟମ ଶିକ୍ଷା, ଏକ-ସନ୍ତାନ ପରିବାର, ବିଶ୍ୱ ସରକାର, ମିକ୍ସଡ୍ ଆନୁପାତିକ ପ୍ରତିନିଧିତ୍ୱ (ପି.ଆର) ଭିତ୍ତିକ ନିର୍ବାଚନ ଓ ପଲିଟିକାଲ୍ ପାର୍ଟିକୁ କରପୋରେଟ୍ ହାଉସ୍ ରୁ ମିଳୁଥିବା ଚାନ୍ଦାର ନିଷେଧୀକରଣ ବିନା ସାମାଜିକ-ଅର୍ଥନୈତିକ-ରାଜନୈତିକ ନ୍ୟାୟ ଅସମ୍ଭବ" ଉପରେ ଫୁଲବାଣୀର ବିଶିଷ୍ଟ ହେତୁବାଦୀ ନେତା ମହମ୍ମଦ ସୁକୁରୁ, ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆର ଉପସଭାପତି ହରିଶ୍ ଚନ୍ଦ୍ର କର, ବିଶିଷ୍ଟ ସ୍ତମ୍ଭକାର ଓ ପ୍ରଧାନମନ୍ତ୍ରୀ ମୋଦି ସରକାରଙ୍କର ଫେସ୍‌ବୁକ୍‌ରେ ସାଟାରିକାଲ୍ କ୍ରିଟିକ୍ ତୁଷାରକାନ୍ତ ଶତପଥୀ, ଆମ୍ବେଦକର ପନ୍ଥୀ ଜାତିପ୍ରଥା ବିରୋଧି ନେତା ମଧୁସୂଦନ ଯାଦବ ପ୍ରମୁଖ ନିଜ ନିଜର ମତ ବ୍ୟକ୍ତ କରି ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ନ୍ୟାୟ ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଥିଲେ । "ଆମୋଫୋଇ"ର ସହପ୍ରତିଷ୍ଠାତା ମାଡ଼ାମ୍ ସ୍ୱପ୍ନା ବିଜୟିନୀ ବ୍ରାର୍ଡ୍‌ଲାଫଙ୍କ ଉପରେ ସ୍ୱ-ଲିଖିତ ପ୍ରବନ୍ଧ ପାଠ କରିଥିଲେ । ଉତ୍ସବରେ "ପ୍ୟାର କରନା ତ ଡ଼ରନା କିୟା" ଶୀର୍ଷକ ଇଂରାଜୀ ପୁସ୍ତକ ଉନ୍ମୋଚିତ ହୋଇଥିଲା । ଉତ୍ସବର ସଭାପତି ଡ଼. ବିଜୟାନନ୍ଦ କର କହିଲେ ଯେ : ଚାର୍ଲସ୍ ବ୍ରାର୍ଡ୍‌ଲାଫଙ୍କ ମୁକ୍ତ ଚିନ୍ତନକୁ ସାରା ବିଶ୍ୱରେ ଗୁରୁତ୍ୱ ଦିଆଗଲେ ବିଶ୍ୱ ଯୁଦ୍ଧ ବିଗ୍ରହ, ଅନ୍ୟାୟ, ଅନୀତି ଓ ଦୂରାଚାର ଦୂରହେବା ସହିତ ବିଶ୍ୱ ସରକାର ପ୍ରତିଷ୍ଠିତ ହୋଇପାରିବ ଏବଂ ମଣିଷ ସମାଜରୁ ସମସ୍ତ ଅନ୍ଧବିଶ୍ୱାସ ବିଲୁପ୍ତ ହେବ ।

# ଜିଓ କର୍ମଚାରୀଙ୍କ ଦ୍ୱାରା 'ଜିଓ ସ୍ୱଚ୍ଛ ରେଳ ଅଭିଯାନ'




ଭୁବନେଶ୍ୱର,(ହୀ.ପ୍ର): 'ସ୍ୱଚ୍ଛ ଭାରତ'ର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ଆଜି ଜିଓ ପକ୍ଷରୁ ଦେଶର ୯୦୦ଟି ରେଳ ଷ୍ଟେସନରେ ସଫେଇ ଅଭିଯାନ ହାତକୁ ନିଆଯାଇଛି । ଏକ ସ୍ୱଚ୍ଛ ପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ ଦେଶ ବ୍ୟାପୀ ଆରମ୍ଭ କରାଯାଇଥିବା 'ଜିଓ ସ୍ୱଚ୍ଛ ରେଳ ଅଭିଯାନ'ରେ ଜିଓ କର୍ମଚାରୀ, ସହଯୋଗୀ, ଅଂଶୀଦାର ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସମେତ ୨୫୦୦୦ରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ । ଭାରତରେ ପ୍ରଥମ କରି ଏହି ଧରଣର ସର୍ବବୃହତ୍ ସ୍ୱଚ୍ଛତା ଅଭିଯାନରେ ଜିଓ ତା'ର କର୍ମଚାରୀମାନଙ୍କ ଉଦ୍ୟମରେ ରେଳ ଷ୍ଟେସନଗୁଡ଼ିକୁ ଅଧିକ ସ୍ୱଚ୍ଛ କରାଇ ଲକ୍ଷ ଲକ୍ଷ ସାଧାରଣ ଲୋକଙ୍କ ଜୀବନରେ ସକରାତ୍ମକ ଭାବେ ପ୍ରଭାବ ପକାଇ ପାରିଛି ।

ସ୍ୱଚ୍ଛତା ହିଁ ସେବା ଉଦ୍ୟମରେ ସାରା ଦେଶରେ ୯୦୦ରୁ ଊର୍ଦ୍ଧ୍ୱ ସହରରେ ଆୟୋଜିତ ହୋଇଥିବା ଜିଓ ସ୍ୱଚ୍ଛ ରେଳ ଅଭିଯାନର ଅଂଶସ୍ୱରୂପ ଜିଓ କର୍ମଚାରୀଙ୍କ ଦ୍ୱାରା ଆଜି ଅପରାହ୍ନରେ ଓଡ଼ିଶାର ୩୧ଟି ପ୍ରମୁଖ ରେଳ ଷ୍ଟେସନ ଓ କେତେକ ବସ୍‌ଷ୍ଟାଣ୍ଡରେ ପ୍ଲାଷ୍ଟିକ୍ ବର୍ଜ୍ୟ ସଫେଇ ଓ ସଚେତନତା ସୃଷ୍ଟି କରାଯାଇଛି । ଏହି କ୍ରମରେ ରିଲାଏନ୍ସ ଜିଓ ଓଡ଼ିଶା ମୁଖ୍ୟ ପ୍ରଦୀପ ରାଉତ କର୍ମଚାରୀମାନଙ୍କ ସହ କଟକ ରେଳ ଷ୍ଟେସନରେ ପ୍ଲାଷ୍ଟିକ୍ ବର୍ଜ୍ୟ ସଫେଇରେ ସାମିଲ ହେବା ସହିତ ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ବ୍ୟବହାର ନକରିବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା । ଏହି ଅଭିଯାନର ଅଂଶ ସ୍ୱରୂପ ରାଜ୍ୟର ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା, ତାଳଚେର, ବ୍ରହ୍ମପୁର, ଢ଼େଙ୍କାନାଳ, ପାରାଦୀପ, ଦାମନଯୋଡ଼ି, ପୁରୀ, ଯାଜପୁର, ଭଦ୍ରକ, ବାଲେଶ୍ୱର, ଭବାନୀପାଟଣା, କେନ୍ଦୁଝର, ଝାରସୁଗୁଡ଼ା, ବେଲପାହାଡ଼, ବଲାଙ୍ଗୀର ସମେତ ୩୧ଟି ରେଳ ଷ୍ଟେସନ ତଥା ସୁନ୍ଦରଗଡ଼ ଓ କେନ୍ଦ୍ରାପଡ଼ାରେ ପ୍ରମୁଖ ବସ୍‌ଷ୍ଟାଣ୍ଡରେ ଜିଓ କର୍ମଚାରୀମାନଙ୍କ ଦ୍ୱାରା ଅପରାହ୍ନ ୩ଟାରୁ ୬ଟା ମଧ୍ୟରେ ଏହି ସଫେଇ ଓ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ।

ଏହି ଅଭିଯାନରେ ସାମିଲ ସଦସ୍ୟମାନେ ରେଳ ଷ୍ଟେସନର ପ୍ରବେଶ ପଥ, ପ୍ରତୀକ୍ଷାଳୟ, ବାହାରେ ଥିବା ବସିବା ସ୍ଥାନ, ପାଦଚଲା ଓଭରବ୍ରିଜ୍ ଏବଂ ଭେଣ୍ଡର (ଦୋକାନ) ଅଞ୍ଚଳରୁ ଏକକ (ଥରେ ମାତ୍ର) ବ୍ୟବହୃତ ପ୍ଲାଷ୍ଟିକ୍ ପଦାର୍ଥ ସଂଗ୍ରହ କରି ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୋଇଥିଲେ । ସଂଗୃହୀତ ବୋତଲ, ଖାଦ୍ୟ ପ୍ୟାକେଟ୍, ଷ୍ଟ୍ର, ଚାମଚ ଏବଂ କ୍ୟାରି ବ୍ୟାଗ୍ ଭଳି ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ସ୍ୱତନ୍ତ୍ର ଏଜେନ୍ସି ସହାୟତାରେ ସର୍ବାଧିକ ପରିବେଶ ଅନୁକୂଳ ଧାରାରେ ଅପସାରଣ କରାଯିବ ।

## ଶିଳ୍ପ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଆଇସିସିର ଜାତୀୟ କର୍ମଶାଳା

# ଓଡ଼ିଶାରେ ବର୍ଷକୁ ସୃଷ୍ଟି ହେଉଛି ୫୦ ନିୟୁତ ଟନ୍ ଶିଳ୍ପ ବର୍ଜ୍ୟବସ୍ତୁ




ଭୁବନେଶ୍ୱର(ପିଏନ) : ଓଡ଼ିଶାରେ ଥିବା ଶିଳ୍ପ ସଂସ୍ଥା ଗୁଡ଼ିକରେ ପ୍ରତିବର୍ଷ ୫୦ ନିୟୁତ ଟନ୍‌ରୁ ଅଧିକ ବର୍ଜ୍ୟବସ୍ତୁ ସୃଷ୍ଟି ହେଉଛି । ସେଥି ମଧ୍ୟରୁ ସିଂହ ଭାଗ ଅର୍ଥାତ ୩୨ ନିୟୁତ ଟନ୍ ହେଉଛି ଫ୍ଲାଏ ଆସ୍ । ଏବେ ସମଗ୍ର ବିଶ୍ୱ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ବିଶେଷ ଗୁରୁତ୍ୱ ଦେଉଥିବା ବେଳେ ଚୀନ୍ ଅନ୍ୟ ଦେଶଗୁଡ଼ିକ ଠାରୁ ବହୁତ ଆଗରେ ରହିଛି । ବର୍ଜ୍ୟବସ୍ତୁ ପରିଚାଳନା ଦିଗରେ ଓଡ଼ିଶାର ଶିଳ୍ପ ସଂସ୍ଥାଗୁଡ଼ିକୁ ବୈଜ୍ଞାନିକ ପଦ୍ଧତି ଗ୍ରହଣ କରିବାକୁ ପଡ଼ିବ ବୋଲି ରାଜ୍ୟ ଶିଳ୍ପ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି ।

ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ତରଫରୁ ଆୟୋଜିତ ଶିଳ୍ପ ବର୍ଜ୍ୟବସ୍ତୁ ପରିଚାଳନା ସଂପର୍କିତ ଜାତୀୟ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ କହିଲେ, ଓଡ଼ିଶାରେ ପ୍ରତିଟି ଲୋକ ଦିନକୁ ୨ କେଜି ବର୍ଜ୍ୟବସ୍ତୁ ସୃଷ୍ଟି କରୁଛନ୍ତି । ଅର୍ଥାତ ଜଣେ ବ୍ୟକ୍ତି ମାସକୁ ୬୦ କେଜି ବର୍ଜ୍ୟ ସୃଷ୍ଟି କରୁଛି । ଆମ ରାଜ୍ୟରେ ୪ କୋଟିରୁ ଅଧିକ ଲୋକ ବାସ କରୁଛନ୍ତି । ସେହି ଅନୁସାରେ ଚିନ୍ତା କରନ୍ତୁ କେବଳ ଘରେ ଘରେ ବର୍ଷକୁ କେତେ ପରିମାଣର ବର୍ଜ୍ୟବସ୍ତୁ ସୃଷ୍ଟି ହେଉଛି । ଏହା ବ୍ୟତୀତ ଆମ ରାଜ୍ୟରେ ଅନେକ ଶିଳ୍ପ ସଂସ୍ଥା ରହିଛନ୍ତି ଯେଉଁମାନେ ବର୍ଷକୁ ବିପୁଳ ପରିମାଣର ବର୍ଜବସ୍ତୁ ସୃଷ୍ଟି କରୁଛନ୍ତି । ସେଥିପାଇଁ ଶିଳ୍ପ ସଂସ୍ଥାର ବର୍ଜ୍ୟବସ୍ତୁ ପରିଚାଳନା ଲାଗି ବୈଜ୍ଞାନିକ ପଦ୍ଧତିର ଆବଶ୍ୟକତା ରହିଛି ।''

ସେ କହିଛନ୍ତି, ସାରା ବିଶ୍ୱରେ ଭୁଟାନ ହେଉଛି ଏକମାତ୍ର ଦେଶ ଯାହା କମ୍ ପରିମାଣ ଅଙ୍ଗାରକାମ୍ଳ ବାୟୁ ମଣ୍ଡଳକୁ ଛାଡୁଥିବା ବେଳେ ଅଧିକ ଅମ୍ଳଜାନ ସୃଷ୍ଟି କରୁଛି । ଆମକୁ ସେହି ଛୋଟିଆ ଦେଶ ଠାରୁ ବହୁତ କିଛି ଶିଖିବାର ଅଛି । ଆମ ପଡ଼ୋଶୀ ଦେଶ ଚୀନ୍ ମଧ୍ୟ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ବହୁତ ଆଗରେ ରହିଛି । ଏଥିପାଇଁ ପ୍ରଯୁକ୍ତି ବିକଶିତ କରିବା ଲାଗି ସେମାନେ ବିପୁଳ ପରିମାଣର ପୁଞ୍ଜିନିବେଶ କରୁଛନ୍ତି । ଆମର ଶିଳ୍ପ ସଂସ୍ଥାଗୁଡ଼ିକୁ ମଧ୍ୟ ଆଗେଇ ଆସିବାକୁ ପଡ଼ିବ ଏବଂ ବର୍ଜ୍ୟ ପରିଚାଳନା ଲାଗି ପ୍ରଯୁକ୍ତି ଆଣିବା ଦିଗରେ ବିପୁଳ ପରିମାଣର ନିବେଶ କରିବାକୁ ହେବ । ଭବିଷ୍ୟତର ପିଢ଼ିକୁ ଏକ ସବୁଜ ଓ ସ୍ୱଚ୍ଛ ପରିବେଶ ପ୍ରଦାନ କରିବାକୁ ହେଲେ ଆମକୁ ଏକଜୁଟ ହୋଇ ଧୀରେ ଧୀରେ ଏହି ବର୍ଜ୍ୟ ସମସ୍ୟାର ସମାଧାନ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି ।

ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଚିବ ଦେବିଦତ ବିଶ୍ୱାଳ କହିଛନ୍ତି ଯେ, ଆମ ରାଜ୍ୟ ବର୍ଷକୁ ୫୦ ନିୟୁତ ଟନ୍ ଶିଳ୍ପ ବର୍ଜ୍ୟବସ୍ତୁ ସୃଷ୍ଟି କରୁଛି । ସେଥି ମଧ୍ୟରୁ ୩୨ ନିୟୁତ ଟନ୍ ହେଉଛି ଫ୍ଲାଏ ଆସ୍ । ଆମେ ଫ୍ଲାଏ ଆସ୍‌କୁ ବିଭିନ୍ନ ପ୍ରକଳ୍ପରେ ବ୍ୟବହାର କରି ଏହାକୁ ବ୍ୟବହାର ଉପଯୋଗୀ କରିପାରିଛୁ । ବର୍ତ୍ତମାନ ସୁଦ୍ଧା ୮୩% ଫ୍ଲାଏ୍ ଆସ୍‌କୁ ବ୍ୟବହାର କରାଯାଇପାରୁଛି । ନାଲ୍‌କୋ ପକ୍ଷରୁ ଭରତପୁର ଖଣିକୁ ପୂରଣ କରିବା ଲାଗି ଏକ ସ୍ଲରି ପାଇପ୍‌ଲାଇନ୍ ନିର୍ମାଣ କରାଯାଉଛି । ସେହି ପ୍ରକଳ୍ପ କାମ ଶେଷ ହୋଇଯିବା ପରେ ଫ୍ଲାଏ୍ ଆସ୍ ବ୍ୟବହାର ମାତ୍ରା ୯୦%ରୁ ଅଧିକ ହୋଇଯିବ । ଆସନ୍ତା ୨-୩ ବର୍ଷରେ ଆମେ ଫ୍ଲାଏ୍ ଆସ୍‌କୁ ୧୦୦% ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଉଛୁ । ଏହା ବ୍ୟତୀତ ରେଡ୍ ମଡ୍‌ରୁ ଖଣିଜ ଉପାଦାନ ବାହାର କରିବା ଏବଂ ରିଫ୍ରାକ୍‌ଟରିଜ୍‌କୁ ବ୍ୟବହାର ଉପଯୋଗୀ କରିବାକୁ ମଧ୍ୟ ଆମେ ଉଦ୍ୟମ କରୁଛୁ ।'' ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ ପରିବେଶ ଇଂଜିନିୟର ଡକ୍ଟର ଏନ୍ ଆର୍ ସାହୁ, ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ସଦସ୍ୟ ସନ୍ତୋଷ ମହାପାତ୍ର ଏବଂ ଜେଏସ୍‌ଏଲ୍‌ର ଚିଫ୍ ରେସିଡେଂଟ୍ ରିପ୍ରେଜେଂଟେଂଟିଭ୍ ଏସ୍ ଏସ୍ ଉପାଧ୍ୟାୟ ଉପସ୍ଥିତ ଥିଲେ ।

# ପ୍ଲେଫିଟ୍ ଏସ୍‌ଡବ୍ଲୁ୭୫ ସ୍ମାର୍ଟ୍‌ୱାଚ୍‌ର ମୂଲ୍ୟ ମାତ୍ର ୨୯୯୯/- ଟଙ୍କା

ଭୁବନେଶ୍ୱର : ଦିଲ୍ଲୀ ସ୍ଥିତ ସ୍ମାର୍ଟ୍ ୱେରେବୁଲ୍ ଓ ଅଡିଓ ବୈଶିଷ୍ଟ ବିଶିଷ୍ଟ କମ୍ପାନୀ ପ୍ଲେ ନିଜର ଦୁଇଟି ଉତ୍ପାଦ - ପ୍ଲେଫିଟ୍ ଏବଂ ପ୍ଲେଗୋଓ ବଜାରରେ ଉପସ୍ଥାପନ କରିଛି । ପ୍ଲେଫିଟ୍ ଶୃଙ୍ଖଳା ଅନ୍ତର୍ଗତ ସେ ନିଜର ନୂତନ ପ୍ଲେଫିଟ୍ ଏସ୍‌ଡବ୍ଲୁ୭୫ ସ୍ମାର୍ଟ୍‌ୱାଚ୍ ବଜାରରେ ଉପସ୍ଥାପନ କରିଛି । ପ୍ଲେଫିଟ୍ ଏସ୍‌ଡବ୍ଲୁ୭୫ ସ୍ମାର୍ଟ୍‌ୱାଚ୍ ଫ୍ଲିପ୍‌କାର୍ଟର ଚାଲିଥିବା ବିଗ୍ ବିଲିୟନ୍ ଡେ(୨୯ ସେପ୍ଟେମ୍ବର - ୪ ଅକ୍ଟୋବର)ରେ ଗ୍ରାହକ ଏହାକୁ କିଣିପାରିବେ । ଏଥିରେ ୪୭ରୁ ଅଧିକ ଦିନ ପର୍ଯ୍ୟନ୍ତ ବ୍ୟାଟେରି ରହିପାରିବ ଏବଂ ୧.୩''ର ଟଚ୍ ଡିସ୍‌ପ୍ଲେ ରହିଛି । ଏହାବ୍ୟତିତ ଏଥିରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଆବରଣ, ହାର୍ଟ୍ ରେଟ୍, ସ୍ଲେପ୍, ସ୍ଲିପ୍ ମନିଟରିଙ୍ଗ୍ ସହିତ ଏହା ୱାଟର୍ ପ୍ରୁଫ୍ ମଧ ଅଟେ । ଯାହାର ମୂଲ୍ୟ ମାତ୍ର ୨୯୯୯/- ଟଙ୍କା ।

ଏହି ଅବସରରେ ପ୍ଲେର ଫାଉଣ୍ଡର ଓ ମୁଖ୍ୟ କାର୍ଯ୍ୟକାରୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ସନ୍ଦିପ ବଙ୍ଗା କହିଛନ୍ତି ଯେ, ''ଭାରତରେ ଆମେ ଆମର ପ୍ଲେ ଏହି ନୂତନ ଉତ୍ପାଦ ଉପସ୍ଥାପନ କରିଥିବାରୁ ଆମେ ବହୁତ ଉତ୍ସାହିତ । ଗ୍ରାହକଙ୍କ ବଢୁଥିବା ଚାହିଦାକୁ ନଜରରେ ରଖି ଆମେ ଏହି ନୂତନ ସ୍ମାର୍ଟ୍ ୱେରେବୁଲ୍ ଓ ଅଡିଓ ସାମଗ୍ରୀ ମାନ ଉପସ୍ଥାପନ କରିଛୁ । ଆଶା କରୁଛୁ ଯେ ଗ୍ରାହକ ଏହାକୁ ଗ୍ରାହକ କରିବା ସହ ଏହାର ଚାହିଦା ମଧ ଭାରତ ବଜାରେ ବହୁ ଅଧିକ ହେବ ।''

## ଭିଭୋ ୟୁ-୧୦ ର ବିକ୍ରୟ ଆରମ୍ଭ

ଭୁବନେଶ୍ୱର : ବିଶ୍ୱର ଅଭିନବ ସ୍ମାର୍ଟଫୋନ ବ୍ରାଣ୍ଡ ଭିଭୋ ଭାରତ ବଜାରରେ ୟୁ-୧୦ ର ବିକ୍ରି ସେପ୍ଟେମ୍ବର ୨୯ ତାରିଖରୁ ଆରମ୍ଭ କରିବାକୁ ଯାଉଛି । ଏହି ହ୍ୟାଣ୍ଡସେଟ୍ ୩ଜିବି+୩୨ଜିବି, ୩ଜିବି+୬୪ଜିବି ଏବଂ ୪ଜିବି+୬୪ଜିବି ରେ ଉପଲବ୍ଧ ହେବ । ଏହାର ମୂଲ୍ୟ ଯଥାକ୍ରମେ ୮୯୯୦ ଟଙ୍କା, ୯୯୯୦ ଟଙ୍କା ଓ ୧୦,୯୯୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଏହା ଆମାଜନ.ଇନ ରେ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ସେଲରେ ସ୍ଥାନ ପାଇଛି । ଏହାଛଡା ଏହି ହ୍ୟାଣ୍ଡସେଟ୍ ଭିଭୋ ଇଣ୍ଡିଆ ଇ-ଷ୍ଟୋର ରେ ସେପ୍ଟେମ୍ବର ୨୮ ମଧରାତ୍ରି ଠାରୁ ଉପଲବ୍ଧ ହେବ ।

# ସମ୍ମିଳିତ ନିଯୁକ୍ତି ଅଭିଯାନର ଶୁଭାରମ୍ଭ



ଭୁବନେଶ୍ୱର(ପିଏନ) : ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ ୨୦୧୬ ଅନୁସାରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡିକରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଚାକିରୀର ସୁଯୋଗ ସୃଷ୍ଟି କରାଯିବାର ବ୍ୟବସ୍ଥା ରହିଛି । କିନ୍ତୁ ଅଧିକାଂଶ ବେସରକାରୀ ଅନୁଷ୍ଠାନ ଏହା ବିଷୟରେ ଅବଗତ ନଥିବାରୁ ଭିନ୍ନକ୍ଷମମାନେ ଚାକିରୀ ପାଇବାରୁ ବଚିଂତ ହେଉଛନ୍ତି । ତେଣୁ ସାଇଟସେଭର୍ସ ତରଫରୁ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ବେସରକାରୀ ସ୍ତରରେ ରୋଜଗାର ସୃଷ୍ଟି କରିବା ଦିଗରେ ଏକ ଅଭିନବ ଅଭିଯାନ ଆରମ୍ଭ କରାଯାଇଛି । ଏହି ଅଭିଯାନ ମାଧ୍ୟମରେ ଭୁବନେଶ୍ୱରର କିଛି ପ୍ରମୁଖ କର୍ପୋରେଟ୍ କମ୍ପାନୀର ଅଧିକାରୀମାନଙ୍କୁ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ ୨୦୧୬ ବିଷୟରେ ସୂଚନା ଦେବା ସହ ସବୁ କମ୍ପାନୀରେ କେତେ ଭିନ୍ନକ୍ଷମ ବ୍ୟକ୍ତି ନିଯୁକ୍ତି ସୁଯୋଗର ସୁବିଧା ପାଇପାରିବେ ସେ ବିଷୟରେ ମଧ ବିଚାର ବିମର୍ଷ କରାଯିବ ।

ଉକ୍ତ ଅଭିଯାନକୁ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ସୁଲୋଚନା ଦାସ ଆନୁଷ୍ଠାନିକ ଭାବେ ୨୧ ସେପ୍ଟେମ୍ବର ୨୦୧୯ରେ ସ୍ଥାନୀୟ ହୋଟେଲଠାରେ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକା ବ୍ରତତୀ ହରିଚନ୍ଦନ, ସରକାରୀ ଏବଂ ବେସରକାରୀ ସଂସ୍ଥାର ଅଧିକାରୀ ମାନେ ଯୋଗ ଦେଇଥିଲେ । ସାଇଟସେଭର୍ସର ରାଜ୍ୟ କାର୍ଯ୍ୟକାରୀ ପ୍ରବନ୍ଧକ ଆକବର ମେହଫୁଜ ଆଲାମ ଅଭିଯାନର ଉଦ୍ଦେଶ୍ୟ ବିଷୟରେ ପ୍ରତିଭାଗୀମାନଙ୍କୁ ସୂଚନା ଦେଇଥିଲେ । ଏଥିରେ ୧୦୦ରୁ ଅଧିକ କର୍ପୋରେଟ୍ କମ୍ପାନୀର ଅଧିକାରୀ, ଭିନ୍ନକ୍ଷମ ବ୍ୟକ୍ତି ତଥା ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପରାମର୍ଶଦାତା ଶ୍ରୀମତୀ ଲୋକପ୍ରିୟା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ପରିବେଷଣରେ ସାଇଟସେଭର୍ସର ପ୍ରକଳ୍ପ ଅଧିକାରୀ ଜଗନ୍ନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାଗୁଆର ପକ୍ଷରୁ ନୂଆ ଜାଗୁଆର୍ ଡିଜାଇନିଂ ଷ୍ଟୁଡିଓ ସ୍ଥାପିତ

ଭୁବନେଶ୍ୱର :ଜାଗୁଆର ଲ୍ୟାଣ୍ଡ ରୋଭର ପକ୍ଷରୁ ୟୁକେର ୱାର ୱିକ୍‌ଶାଇରେର ଗେଡନ୍‌ଠାରେ ନୂଆ ଜାଗୁଆର ଡିଜାଇନିଂ ଷ୍ଟୁଡ଼ିଓ ଡିଜାଇନିଂ ନିର୍ଦ୍ଦେଶକ ଜୁଲିଆନ୍ ଥମ୍‌ସନ୍‌ଙ୍କ ଦ୍ୱାରା ସ୍ଥାପିତ ହୋଇଛି ।ଏହା ସହରର କେନ୍ଦ୍ର ସ୍ଥଳରେ ନିର୍ମିତ ହୋଇଛି । ଏଠାରେ କ୍ରିଏଟିଭ୍ ଇଞ୍ଜିନିୟରିଂ ଦଳ କାର୍ଯ୍ୟ କରୁଛନ୍ତି । ଏଠାରେ ୬ଟି ପ୍ରମୁଖ ଡିଜାଇନିଂ ଟିମ୍ ସହିତ ଇଂଟରିୟର ଏବଂ ଏକ୍ସଟରିୟର ଡଜାଇନିଂ ଟିମ୍ ରହିଛନ୍ତି । ଏଠାରେ ଭର୍ଚ୍ୟୁଆଲ୍ ରିୟଲିଟି ତଥା ୧୧-ଏମ୍ ୪କେ ଡିଜିଟାଲ ଡିସ୍‌ପ୍ଲେ ୱାଲ ରହିଛି ।ଏଥିରେ ୨୦ ଫୁଲ୍ ସାଇଜ୍ କ୍ଲେ ମଡେଲ ରହିବ । ୩୩% ଫ୍ଲୋରରେ ପ୍ରଦର୍ଶିତ ହେବ । ଜାଗୁଆରର ୮୪ ବର୍ଷର ଇତହାସରେ ପ୍ରଥମ କରି ଏଭଳି ଡିଜାଇନିଂ ଷ୍ଟୁଡିଓ ସ୍ଥାପିତ ହୋଇଛି ।୨୮୦ଟି ଟିମ୍ ଏଠାରେ ନିଜର କାର୍ଯ୍ୟ ସମ୍ପାଦନ କରିବେ । ଷ୍ଟୁଡିଓ ୧୨୦୦୦ ବର୍ଗ ମିଟର ଅଂଚଳରେ ପରିବ୍ୟାପ୍ତ ।ଏହି ଅବସରରେ ଜାଗୁଆର ଡିଜାଇନିଂ ନିର୍ଦ୍ଦେଶକ ଜୁଲିଆନ୍ ଥମ୍‌ସନ୍ କହିଲେ, " ଜାଗୁଆରର ଏକ ଅନନ୍ୟ ଇତିହାସ ରହିଛି । ଏହାକୁ ଆଧାର କରି ଆମେ କାରବାର ଜାରି ରଖିଛୁ । ଜାଗୁଆର ପ୍ରତିଷ୍ଠାତା ସାର୍ ୱିଲିୟମ୍ ଲୟନ୍ସଙ୍କ ଦ୍ୱାରା କରାଯାଇଥିବା ଡିଜାଇନିଂ କୁ ଦୃଷ୍ଟିରେ ରଖି ଆମେ ଶ୍ରେଷ୍ଠତମ କାର୍ ଆମର ଗ୍ରାହକଙ୍କୁ ଉପଲବ୍ଧ କରାଇବାକୁ ପ୍ରୟାସ ଜାରି ରଖିଛୁ । ସେଥି ପାଇଁ ଆମେ ଲଗାତାର ନବୀକରଣ ଏବଂ ସୃଜନଶୀଳତାକୁ ଗୁରୁତ୍ୱ ଦେଇଥାଉ ।ମୁଖ୍ୟ ଷ୍ଟୁଡିଓ ଗୁଡ଼ିକ ଷ୍ଟିଡିଓ-୩ ଓ ଷ୍ଟୁଡିଓ-୪ ଭାବେ ନାମିତ ହୋଇଛି । ଏଠାରେ ୧୯୫୭ ଏବଂ ୧୯୫୬ ଜାଗୁଆର ଡି-ଟାଇପ୍ ରହିଛି । ଜାଗୁଆର ପ୍ରତିଷ୍ଠାତା ସାର୍ ୱିଲିୟମ୍ ଲୟନ୍ସଙ୍କ ସମେତ ଡିଜାଇନର୍ ଜିଓଫ୍ ଲସନ୍ ଏବଂ ଅଭିନେତା ଷ୍ଟିଭ୍ ମ୍ୟାକ୍‌କୁଇନ୍‌ଙ୍କ ଡିଜାଇନିଂ ରହିଛି । ଷ୍ଟିଡିଓ-୩ ଓ ଷ୍ଟୁଡିଓ-୪ରେ ୧୦ଟି ୨୦ ମିଟର ଲମ୍ବ କ୍ଲେ ମଡେଲ୍ ରହିଛି । ଏହାର ଲୋଡ୍ କ୍ଷମତା ୪.୫ ଟନ୍ ରହିଛି । ସେହିପରି ଫ୍ଲୋରରେ ୩+୨ ଆକ୍ସିସ୍ କୋଲବ୍ ମଡେଲ ରହିଛି ।

# ମହିଳାମାନଙ୍କର ମୂତ୍ରାଶୟ ଜନିତ ରୋଗ ସମ୍ପର୍କରେ ସଚେତନତା

କଟକ: କେବେ କେବେ ସକ୍ରିୟ ମୂତ୍ରାଶୟ (ଓଏବି)ରୁ ଅଧିକ ବୟସ୍କ ଲୋକମାନଙ୍କର ଚିକିତ୍ସା ସ୍ଥିତି ଉପରେ ବିଚାର କରାଯାଉଥିଲା, ଯେବେକି ଏହା ବର୍ତ୍ତମାନ ଉଭୟ ଯୁବ ପୁରୁଷ ଏବଂ ମହିଳା ମାନଙ୍କ କ୍ଷେତ୍ରରେ ଦେଖାଯାଉଛି । ଏହି ପରିବର୍ତ୍ତନୀୟ ପରିସ୍ଥିତି ସହିତ ଏକ ସାମାନ୍ୟ ସ୍ଥିତି ଅଟେ, ଯେଉଁଥିରେ ବୟସ୍କ ମାନଙ୍କ କ୍ଷେତ୍ରରେ ଆନୁମାନିକ ୬ ଜଣ ଏଥିରେ ଆକ୍ରାନ୍ତ ହୋଇଥିବାବେଳେ ଏହା ବୟସ ଅନୁସାରେ ବୃଦ୍ଧି ପାଇଥାଏ । ସହର ଭିତ୍ତିକ ୟୁରୋଲୋଜିଷ୍ଟମାନେ କୁହନ୍ତି ଯେ, ମହିଳା ରୋଗୀମାନେ ପାଖାପାଖି ୪୦ ବର୍ଷ ବୟସରେ ଉକ୍ତ ରୋଗରେ ଆକ୍ରା' ହେଉଥିବାର ଦେଖାଯାଇଥାଏ । ଉକ୍ତ ରୋଗରେ ଆକ୍ରାନ୍ତ ରୋଗୀମାନେ ଅଧିକାଂଶ ସମୟ ଅଭିଯୋଗ କରିଥାନ୍ତିକି, ସେମାନେ ହସିବା ସମୟରେ, ଛିଙ୍କିବା ସମୟରେ ଏବଂ ଅନ୍ୟ କାମ କରିବା ସମୟରେ ମୂତ୍ରାଶୟରେ ଚାପ ପଡ଼ିବା ସହିତ ପରିସ୍ରା ମଧ ବାହାରି ଆସିଥାଏ । ୟୁରୋଲୋଜିଷ୍ଟ (ପ୍ରଫେସର) ଡ଼ା. ଏଲ କେ ସାହୁ, ଅବସରପ୍ରାପ୍ତ ଏଚଓଡ଼ି, ୟୁରୋଲୋଜି, ଏସସିବି ମେଡ଼ିକାଲ କଲେଜ, କଟକ କହିଛ୍ନି ଯେ, 'ପୁରୁଷ ମାନଙ୍କ ତୁଳନାରେ ମହିଳାମାନଙ୍କ କ୍ଷେତ୍ରରେ ଏହି ସ୍ଥିତି ହେଉଛି ଏକ ସାଧାରଣ ଘଟଣା, ଯେବେକି ମୂତ୍ରାଶୟ ମସଲ ଗୁଡ଼ିକ ଗର୍ଭାବସ୍ଥା ସମୟରେ ପ୍ରଭାବିତ ହେବା ସହିତ ମହିଳା ମାନଙ୍କ ବ୍ୟତୀତ ଶିଶୁ ଜନ୍ମ ସମୟରେ ଏକ ଛୋଟ ମୂତ୍ର ମାର୍ଗ ରହିଥାଏ ।' ବିଶ୍ୱସ୍ତରରେ ଏଥି ସମ୍ପର୍କରେ ଜାଗରଣ ସୃଷ୍ଟି କରିବା ନିମ' ପ୍ରତ୍ୟେକ ବର୍ଷ ୱାର୍ଲ୍ଡ କଣ୍ଟିନେନ୍ସ ସପ୍ତାହ ପାଳନ କରାଯାଇଥାଏ । ଚଳିତ ବର୍ଷ ଉକ୍ତ ସପ୍ତାହ ଜୁନ୍ ୧୭ ରୁ ଜୁନ୍ ୨୩ ମଧ୍ୟରେ ପାଳନ କରାଯିବାର ବ୍ୟବସ୍ଥା ରହିଛି । 'ଆପଣମାନେ ପ୍ରତ୍ୟେକ ଦିନ କେତେ ଥର ଏବଂ କେତେ ପରିମାଣର ପରିସ୍ରା ତ୍ୟାଗ କରୁଛ଼ି ଏବଂ ପ୍ରତ୍ୟେକ ଥର ପରିସ୍ରା ତ୍ୟାଗ କରିବା ସମୟରେ କ୍ଲା' ଅନୁଭବ କରୁଛ଼ି ତାକୁ ଧ୍ୟାନ ଦେବା ଆବଶ୍ୟକ । ଯଦି ବାରମ୍ବାରତା ଏବଂ ଶିଘ୍ରତା ବୃଦ୍ଧି ପାଏ, ତେବେ ବିଶେଷଜ୍ଞଙ୍କ ଅନୁଯାୟି ଯଥାଶିଘ୍ର ଡ଼ାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ । ଡ଼ଃ. ଏଲ କେ ସାହୁ କହିଛ଼ି ଯେ, 'କେତେକ କ୍ଷେତ୍ରରେ ଏହା ମଧ ଦେଖାଯାଏକି, ମୂତ୍ରାଶୟ ରୋଗ ବେଳେବେଳେ ଏତେ ସାଂଘାତିକ ହୋଇଯାଏଯେ, ରୋଗୀଟି ଶୌଚାଳୟ ପହଞ୍ଚିବା ପୂର୍ବରୁ ହିଁ ତାର ପରିସ୍ରା ଲିକ୍ ହୋଇଯାଇଥାଏ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray